ଧରିତ୍ରୀ
DHARITRI
March 8-14, 2020 ₹ 2/-

# ଛୁଟିଦିନ

୩
ପ୍ରଚ୍ଛଦ ପ୍ରସଙ୍ଗ



## ହାର୍ ମାନିଛି ବୟସ

ଚମ ଧୁଡୁ ଧୁଡୁ, ଥରୁ ଥରୁ ହାତ, ଆଖିକୁ ଦିଶୁନି, ଦେହରେ ବଳ ପାଉନି। ତଥାପି କମିନି ମନୋବଳ। ସାହସ ଅଛି, କିଛି କରି ଦେଖେଇବାର ଝୁଙ୍କ ବି ଅଛି। ସେଇଥିପାଇଁ ତ ବୟସ ତାଙ୍କ ପାଖରେ ହାର ମାନିଛି। ଆଉ ସେମାନେ ପାଇଛନ୍ତି ସଫଳତା, ସାଜିଛନ୍ତି ଉଦାହରଣ...



୮/୯
ସିନେମା





ଲାଇଫ୍ ଷ୍ଟାଇଲ୍
୫



# ରାଶି ଅନୁଯାୟୀ ଖେଳନ୍ତୁ ରଙ୍ଗ



**ମେଷ–** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଲାଲ ଓ ଗୋଲାପୀ ରଙ୍ଗ ସର୍ବୋତ୍କୃଷ୍ଟ। ଗୋଲାପୀ ରଙ୍ଗ ଉର୍ଜା ସଞ୍ଚାର କରିବା ସହ ଆଖିକୁ ଶୀତଳତା ପ୍ରଦାନ କରିଥାଏ। ଲାଲ ରଙ୍ଗ ଉତ୍ସାହ, ସାହସ ଓ ବିଜୟର ପ୍ରତୀକ।

**ବୃଷ–** ବୃଷ ରାଶିର ବ୍ୟକ୍ତି ଧଳା ଓ କ୍ରିମ୍ ରଙ୍ଗର ହୋଲି ଖେଳିବା ଶୁଭ। ଏହାକୁ ସକାରାତ୍ମକ ପ୍ରତୀକ ବୋଲି ବି କୁହାଯାଏ।

**ମିଥୁନ–** ଏହି ରାଶି ପାଇଁ ସବୁଜ ଓ ହଳଦିଆ ରଙ୍ଗ ଶୁଭ।

**କର୍କଟ–** କର୍କଟ ରାଶିର ଲୋକଙ୍କ ପାଇଁ ବି ଧଳା ରଙ୍ଗ ଓ କ୍ରିମ ରଙ୍ଗ ବେଶ୍ ଶୁଭ। ଧଳା ରଙ୍ଗ ମସ୍ତିଷ୍କ ଓ ମନକୁ ଶୁଦ୍ଧ ରଖିଥାଏ। ଏହି ରଙ୍ଗ ଶାନ୍ତିର ବି ପ୍ରତୀକ।

**ସିଂହ–** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ହଳଦିଆ ଓ କେଶରୀ ରଙ୍ଗ ଶୁଭଙ୍କର।

**କନ୍ୟା–** ଏହି ରାଶିର ବ୍ୟକ୍ତି ସବୁଜ ରଙ୍ଗରେ ହୋଲି ଖେଳିବା ଭଲ। ଏହି ରଙ୍ଗ ଉଦାସପଣ ଦୂରକରି ଲୋକଙ୍କ ମନରେ ଖୁସି ଭରିଥାଏ ଓ କାର୍ଯ୍ୟକ୍ଷମତା ବଢ଼ାଇଥାଏ।

**ତୁଳା–** ତୁଳା ରାଶିର ଲୋକଙ୍କ ପାଇଁ ଧଳା ଓ ହଳଦିଆ ରଙ୍ଗ ଶୁଭ। ହଳଦିଆ ସମୃଦ୍ଧି ଓ ଧଳା ଶାନ୍ତିର ପ୍ରତୀକ।

**ବିଛା–** ବିଛା ରାଶିର ଲୋକଙ୍କ ପାଇଁ ଲାଲ ଓ ଗୋଲାପୀ ରଙ୍ଗ ଶୁଭ।

**ଧନୁ–** ଏହି ରାଶିର ଲୋକଙ୍କ ପାଇଁ ଲାଲ ଓ ହଳଦିଆ ରଙ୍ଗ ସର୍ବୋତ୍ତମ। ହଳଦିଆ ରଙ୍ଗ ଖୁସିର ଭାବ ଉତ୍ପନ୍ନ କରିବା ବେଳେ ଲାଲ ମଙ୍ଗଳକାରୀ ବୋଲି ମଣାଯାଏ।

**ମକର–** ମକର ରାଶି ପାଇଁ ନୀଳ ଓ ସବୁଜ ରଙ୍ଗ ଶୁଭଙ୍କର। ସବୁଜ ରଙ୍ଗ ସୁଖ, ଶାନ୍ତିର ବାତାବରଣ ସୃଷ୍ଟି କରିଥାଏ। ନୀଳ ରଙ୍ଗକୁ ଧର୍ମ ଓ ଧୈର୍ଯ୍ୟର ରଙ୍ଗଭାବେ ଧରାଯାଏ।

**କୁମ୍ଭ–** ଏହି ରାଶି ପାଇଁ ନୀଳ ରଙ୍ଗ ଶୁଭ।

**ମୀନ–**ଏହି ରାଶିର ବ୍ୟକ୍ତି ଧନ, ଭୌତିକ ସୁଖ ଓ ସମୃଦ୍ଧିର ପ୍ରତୀକ ହଳଦିଆ ଏବଂ ଲାଲ ରଙ୍ଗରେ ହୋଲି ଖେଳିବା ଉଚିତ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୮-୧୪

**ମେଷ**

କାର୍ଯ୍ୟସିଦ୍ଧି, ମାନସିକ ସ୍ଥିରତା, ଯାତ୍ରାରେ ସଫଳତା, ମିତ୍ରତା ବୃଦ୍ଧି, ପରିବାରରେ ମତଭେଦ। ଶରୀର କଷ୍ଟ, କାର୍ଯ୍ୟ ବ୍ୟସ୍ତତା, ଅର୍ଥ ପାଇବେ, କର୍ମସଂସ୍ଥାନ, ନୂତନ ଯୋଜନା, ସହକର୍ମୀଙ୍କ ସହଯୋଗ।

**ବୃଷ**

ନୂତନ କର୍ମାରମ୍ଭ, ବନ୍ଧୁ ସହଯୋଗ, ମାନସିକ ପ୍ରସନ୍ନତା, ଦ୍ରବ୍ୟ ଲାଭ ହେବ, ଯାନ୍ତ୍ରିକ ତ୍ରୁଟି, ଅନର୍ଥ ସୃଷ୍ଟି, ଯାନ୍ତ୍ରିକ ଦ୍ରବ୍ୟଲାଭ, କୈଫିୟତ୍ ଦେବାକୁ ପଡିପାରେ, ସାଧାରଣ କଥାରୁ କଳହ, ଅର୍ଥସଂକଟ, ଶୁଭଖବର ପ୍ରାପ୍ତି।

**ମିଥୁନ**

ଆରୋଗ୍ୟଲାଭ, ମିତ୍ରବନ୍ଧୁ ସମାଗମ, ଆର୍ଥିକ ଅଭିବୃଦ୍ଧି, ଦ୍ରବ୍ୟଲାଭ, ବ୍ୟବସାୟରେ ପ୍ରତିବନ୍ଧକ, କ୍ରୀଡ଼ା ପ୍ରତିଦ୍ୱନ୍ଦ୍ୱିତା, ନୂତନମୈତ୍ରୀ, ସାହିତ୍ୟରେ ଅନୁରାଗ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଯାନବାହନ କ୍ରୟ।

**କର୍କଟ**

ଶାରୀରିକ ଅସୁସ୍ଥତା, ପାରିବାରିକ ମତଭେଦ, କର୍ମଜଞ୍ଜାଳବୃଦ୍ଧି, ଅଶୁଭ ସମ୍ବାଦ, ଦୂରସ୍ଥାନକୁ ଯାତ୍ରା, ଅର୍ଥସଙ୍କଟ, ସନ୍ତାନଙ୍କ କୃତିତ୍ୱ, ଋଣ କରିବେ, ସମସ୍ୟା ସମାଧାନ, ଗୁରୁବର୍ଗଙ୍କ ପ୍ରେରଣା।

**ସିଂହ**

ଉନ୍ନତ ଚିନ୍ତା, ବନ୍ଧୁଙ୍କ ନିମନ୍ତ୍ରଣ, ଧନ ବ୍ୟୟ, ପରିଜନ ସହଭ୍ରମଣ। ସହକର୍ମୀଙ୍କ ଅସହଯୋଗ, ବ୍ୟବସାୟରେ ଉନ୍ନତି, ଯାତ୍ରା ସ୍ଥଗିତ, ଜମିଜମା ବିବାଦ, ପାରିବାରିକ ଶୃଙ୍ଖଳା।

**କନ୍ୟା**

ସାମାଜିକ ସମ୍ମାନ, ସନ୍ତାନଙ୍କ କୃତିତ୍ୱ, ସରକାରୀ ସହାୟତାପ୍ରାପ୍ତି, ବନ୍ଧୁଙ୍କ ସହାନୁଭୂତି, ଲକ୍ଷ୍ୟହୀନ ଯାତ୍ରା, ମନୋମାଳିନ୍ୟ, ଦ୍ରବ୍ୟ ନଷ୍ଟ। ଧନ ହାନି, ବିଳାସୋପକରଣ କ୍ରୟ,ନୂତନ ନିଯୁକ୍ତି ଖବର।

**ତୁଳା**

କର୍ମଜଞ୍ଜାଳବୃଦ୍ଧି, ଋଣପରିଶୋଧ, ସହକର୍ମୀଙ୍କ ସହଯୋଗ, ବାଣିଜ୍ୟରେ ଉନ୍ନତି, ପଡୋଶୀଙ୍କ କଳହ, ସ୍ୱାସ୍ଥ୍ୟହାନି, ପରୋକ୍ଷ ଶତ୍ରୁତା, ନୂତନ ବନ୍ଧୁତ୍ୱ, ମାଙ୍ଗଳିକ କାର୍ଯ୍ୟାରମ୍ଭ, ଲେଖାପଢାରେ ରୁଚି, ପାରିବାରିକ ମନାନ୍ତର।

**ବିଛା**

ନୂତନ ସମ୍ପର୍କ, ଅଭିଳାଷ ପୂରଣ, ସାଙ୍ଗଠନିକ କାର୍ଯ୍ୟ, ପରିବାରରେ ଝଡ଼, ବନ୍ଧୁକ୍ଷୁବ୍ଧ ହେବେ। ଅସମ୍ପୂର୍ଣ୍ଣ କାର୍ଯ୍ୟ, ଆତ୍ମୀୟଙ୍କ ଅନାଦର, ପଦ ମର୍ଯ୍ୟାଦାବୃଦ୍ଧି, ଖର୍ଚ୍ଚାନ୍ତରୁ ମନସ୍ତାପ, ଯାନବାହନରେ ତ୍ରୁଟି, ସ୍ୱର୍ଣ୍ଣାଳଙ୍କାର କ୍ରୟ, ବକେୟା ପାଇବେ।

**ଧନୁ**

ସାହସିକ ପଦକ୍ଷେପ, ବନ୍ଧୁ ଦର୍ଶନ, ଖୁସିର ଆସର ଜମିବ, ଗୃହ ସାଜସଜ୍ଜା, ନିର୍ମାଣର ପରିପୂର୍ଣ୍ଣତା, ତ୍ୱରାନ୍ୱିତ କାର୍ଯ୍ୟ, ନଷ୍ଟ ଦ୍ରବ୍ୟ ପ୍ରାପ୍ତି, ସୁସମ୍ପର୍କ ବ୍ୟାହତ, ଯାତ୍ରାରେ ସଫଳତା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ମାମଲାର ଫଇସଲା।

**ମକର**

ଅତୀତ ଅନୁଚିନ୍ତା, ମାନସିକ ଅସ୍ଥିରତା, ବୈଷୟିକ ଅଭିବୃଦ୍ଧି, ମାନସିକ ଅଶାନ୍ତି, ସମସ୍ୟା ସମାଧାନ, ବନ୍ଧୁ ବତ୍ସଳତା, ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା, ସାମୟିକ ଆଶ୍ୱସ୍ତି, ବୈଷୟିକ ଉନ୍ନତି, ବନ୍ଧୁ ମିଳନ, ପରୋକ୍ଷ ଶତ୍ରୁତା, ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ ।

**କୁମ୍ଭ**

ସମ୍ମାନ ଲାଭ, ସଂକଟ ସୁଧୁରିବ, ସ୍ୱାସ୍ଥ୍ୟରେ ଉନ୍ନତି, ମନୋବଳବୃଦ୍ଧି, ବିବାଦର ଅବସାନ, ବୈବାହିକ ସମ୍ପର୍କୀୟ ଆଲୋଚନା, ପରିବହନରେ ଉନ୍ନତି, ରେଷ୍ଟୁରାଣ୍ଟରୁ ଲାଭ, ଆନୁଷ୍ଠାନିକ କାମ, କଳା କାରିଗରିରେ ସମସ୍ୟା, ଶ୍ରମିକ ଅଶାନ୍ତି, ଯାତ୍ରାରେ କଳହ।

**ମୀନ**

ମାନସିକ ଶାନ୍ତି, ମିତ୍ରତା ବୃଦ୍ଧି, କାର୍ଯ୍ୟରେ ଅଗ୍ରଗତି, ସଂଚୟଜମା ପ୍ରାପ୍ତି, ଭୁଲ୍ ବୁଝାମଣାରୁ କଳହ, ସମସ୍ୟାର ସମାଧାନ, ସୁବିଧା ପ୍ରାପ୍ତି, ବିଦେଶଯାତ୍ରାରେ ବାଧା, ପରୀକ୍ଷାରେ ସଫଳତା, ମନୋରଞ୍ଜନରେ ରୁଚି, ଯାନ୍ତ୍ରିକ ଜିନିଷ କ୍ରୟ।

# ଇଏ କ'ଣ ବିଲେଇ!

ବିଲେଇ ଅନେକଙ୍କୁ ପସନ୍ଦ। ଏହି ସୁନ୍ଦର ବିଲେଇଙ୍କ ଫଟୋ ସବୁକୁ ଦେଖି ବି ଆପଣଙ୍କୁ ଭାରି ଖୁସି ଲାଗୁଥିବ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏସବୁ ସତ ବିଲେଇ ନୁହେଁ। ବରଂ ସତସତିକା ବିଲେଇ ପରି ଲାଗୁଥିଲେ ହେଁ ଏହା ହେଉଛି ବ୍ୟାଗ୍। ଜାପାନର ପିକୋ ନାମ୍ନୀ ଜଣେ ଗୃହିଣୀ ଏହାକୁ ତିଆରି କରିଛନ୍ତି। ସେ ଦୁଇ ସନ୍ତାନର ଜନନୀ । ଘର କାମ, ପିଲାଙ୍କୁ ଦେଖାରଖା ବାଦ୍ ଯାହା ସମୟ ମିଳେ ସେ ଏହି ବ୍ୟାଗ୍ ତିଆରି କରନ୍ତି। ତାଙ୍କର ପ୍ରତ୍ୟେକ ବ୍ୟାଗ୍ ସତସତିକା ବିଲେଇ ପରି ଲାଗିଥାଏ। ସେ ବିଭିନ୍ନ ଭେରାଇଟିର ବ୍ୟାଗ୍ ତିଆରି କରନ୍ତି। ଆଉ କେବଳ ଅନ୍‌ଲାଇନରେ ଓ କେବଳ ଜାପାନରେ ହିଁ ସେ ଏହି ବ୍ୟାଗ୍ ବିକ୍ରି କରିଥାଆନ୍ତି।



# ପାଠକୀୟ

■ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗାଁ ଗହଳିରେ ରହିଛି ସ୍ୱତନ୍ତ୍ର ଲୋକବାଦ୍ୟ ; ଯାହାର ଉତ୍ପତ୍ତି ଆଉ ବଜେଇବାକୁ ନେଇ ରହିଛି ଅନେକ କଥା ଆଉ କାହାଣୀ। ସେମିତି କିଛି ପାରମ୍ପରିକ ଲୋକବାଦ୍ୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାର ଲୋକବାଦ୍ୟ'ଟି ଏକ ଶିକ୍ଷଣୀୟ ବିଷୟ ଥିଲା। 'ଜୋତାର ନିଆରା ମ୍ୟୁଜିୟମ୍', 'ଡ୍ରିମ୍ ୱେଡିଂ' ଆଦି ପାଠଗୁଡ଼ିକରୁ ଅନେକ ନୂଆକଥା ଜାଣିହେଲା।

*–ପଦ୍ମଜା ମଲ୍ଲିକ, ସାତଶଙ୍ଖ, ପୁରୀ*

■ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଓଡ଼ିଶାର ଲୋକବାଦ୍ୟ' ଏକ ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା, ଯେଉଁଥିରୁ ବିଭିନ୍ନ ଲୋକବାଦ୍ୟ ସମ୍ପର୍କରେ ଅନେକ କିଛି ଅଜଣା କଥା ଜାଣିହେଲା। ସେହିପରି 'ଫ୍ୟାଶନ୍‌ରେ ନୂଆ ସମ୍ଭାବନା' ବିଷୟରୁ ରାମ ପଟ୍ଟନାୟକ ନାମକ ଓଡ଼ିଶାର ଜଣେ ଯୁବପ୍ରତିଭା ବିଦେଶରେ ଫ୍ୟାଶନ୍ ଦୁନିଆରେ କିପରି ନାଁ କମାଇପାରିଛନ୍ତି ତାହା ଜାଣି ଖୁସି ଲାଗିଲା। ତା'ଛଡ଼ା 'ଡିପ୍ରେଶନ୍ ଦୂର କରେ ଅଙ୍ଗୁର' ପାଠଟିରୁ ବି ବହୁତ କିଛି ଜାଣିହେଲା।

*–ରାକେଶ ସାମନ୍ତରାୟ, ରବି ଟକିଜ୍, ଭୁବନେଶ୍ୱର*

■ବ୍ୟକ୍ତିତ୍ୱ ପୃଷ୍ଠାରୁ କେତେଜଣ ବିଶିଷ୍ଟ ଲେଖିକାଙ୍କ ଜୀବନୀ ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ବେସୁରା ଗୀତ' ନାମକ ଗପଟି ବେଶ୍ ମନଛୁଆଁ ହୋଇପାରିଥିଲା। ସିନେମା ପୃଷ୍ଠାଟି ବି ଖୁବ୍ ଆକର୍ଷଣୀୟ ଥିଲା। ଖାସ୍‌କରି ଏହି ପୃଷ୍ଠାରେ ସ୍ଥାନ ପାଇଥିବା 'ସୈଫଙ୍କ ପ୍ରଶଂସାରେ ରାଣୀ', 'ହଟ୍ ସିଟ୍‌ରେ ତାରା' ଏବଂ 'ମାପି ଚୁପି ଚାଲିବେ କ୍ରିତି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଉଚ୍ଚକୋଟୀର ହୋଇଥିଲା।

*–ଲକ୍ଷ୍ମୀଧର ପ୍ରଧାନ, କଲ୍ୟାଣପୁର, ଯାଜପୁର*

■ପ୍ରଥମ ରୋଜଗାର ସ୍ତମ୍ଭରୁ ଶିକ୍ଷାବିତ୍, ଲେଖକ ତଥା ସମାଜସେବୀ ଡ.ବିଷ୍ଣୁ ଚରଣ ସାହୁଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢି ଖୁସି ଲାଗିଲା। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ମନଛୁଆଁ ଥିଲା। ଏଥରର ଚିନ୍ମୟ ଚିନ୍ତନ 'ନିଜର ମାଲିକ ବାଛିଲେଣି କି' ଟି ମଧ୍ୟ ବେଶ୍ ଶିକ୍ଷଣୀୟ ଥିଲା। ସେହିପରି 'ଶଙ୍ଖର ମହତ୍ତ୍ୱ' ପାଠଟିରୁ ଅନେକ କିଛି ଅଜଣା କଥା ଜାଣିହେଲା।

*–ସ୍ୱପ୍ନେଶ୍ୱରୀ ପ୍ରଧାନ, ଭବାନୀପାଟଣା*

■ବିବିଧା ପୃଷ୍ଠାରେ ସ୍ଥାନିତ 'କୁକୁର କଲା ରେକର୍ଡ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଉଲ୍‌ରେ ତିଆରି ପ୍ରକୃତିର ଛବି', 'ଡେକୋରେଟେଡ୍ ଟୟଲେଟ୍ ସିଟ୍ ସଂଗ୍ରହାଳୟ' ଏବଂ 'ଗୋଡ଼, ହାତରେ ୩୧ ଅଙ୍ଗୁଳି ଥିବା ମହିଳା' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଯାତ୍ରା ପୃଷ୍ଠାରୁ ବି ଅନେକ କିଛି ଅଜଣା କଥା ଜାଣିବାକୁ ମିଳିଲା।

*–ସୋନାଲିକା ସାହୁ, ଲିଙ୍କ୍‌ରୋଡ୍, କଟକ*

## ବିଶେଷ ଚିଠି



ହେ ଧରିତ୍ରୀ ଛୁଟିଦିନ ତୁମେ
ଯେବେ ରବିବାରେ ଆସ,
ପାଠକ ପାଠିକାମାନଙ୍କ ଅଧରେ
ଫୁଟେଇ ଦିଅ ଯେ ହସ।
ସିନେମା ବିବିଧା ପ୍ରଚ୍ଛଦ–ପ୍ରସଙ୍ଗ
ବ୍ୟକ୍ତିତ୍ୱ ଆଉ ସୃଜନ,
ମଡେଲ୍ ମିରର୍ କାର୍ଟୁନ କର୍ନର
ହାଃ ହାଃ କିଣେ ମନ।
ପାଠକୀୟ ମତ ବ୍ୟାକ୍‌ପେଜ୍ ଆଉ
ମଞ୍ଚମାୟାର ଖବର
ସବୁଠୁ ନିଆରା ସାଥୀର ଉତ୍ତର
ପୁଣି ସହରଠୁ ଦୂର।

*–ରୋହିତ ସେଠୀ, ଦୂତୀମେଣ୍ଡି, ଖଜୁରିପଡ଼ା, କନ୍ଧମାଳ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com

# ହାର୍ ମାନିଛି ବୟସ

**ଚମ ଧୁଡୁ ଧୁଡୁ, ଥୁରୁ ଥୁରୁ ହାତ, ଆଖିକୁ ଦିଶୁନି, ଦେହରେ ବଳ ପାଉନି ତଥାପି କମିନି ମନୋବଳ। ସାହସ ଅଛି, କିଛି କରି ଦେଖେଇବାର ଝୁଙ୍କ ବି ଅଛି। ସେଇଥିପାଇଁ ତ ବୟସ ତାଙ୍କ ପାଖରେ ହାର ମାନିଛି। ଆଉ ସେମାନେ ପାଇଛନ୍ତି ସଫଳତା, ସାଜିଛନ୍ତି ଉଦାହରଣ...**


ତିଲୋତ୍ତମା


ଶକୁନ୍ତଳା

ଘର ସଂସାର ଜଞ୍ଜାଳ କରୁ କରୁ ଅଧିକାଂଶ ନାରୀଙ୍କ ଜୀବନର ବହୁ ମୂଲ୍ୟବାନ ବର୍ଷସବୁ ବିତିଯାଏ। ଘର ପାଲଟିଯାଏ ତାଙ୍କ ପାଇଁ ଦୁନିଆ। ତାରି ଭିତରେ ରହି ଜଞ୍ଜାଳରେ ପେଷି ହୋଇ କେତେବେଳେ ଯେ ବୟସ ଗଡ଼ି ବାର୍ଦ୍ଧକ୍ୟ ଚାଲିଆସେ ଜଣାପଡ଼େନା। ବାର୍ଦ୍ଧକ୍ୟ ପାଦ ଦେଉ ଦେଉ ଅନେକେ ଭାବନ୍ତି ଜୀବନ ସରିଗଲା। ହେଲେ କେତେଜଣ ମହିଳା ସେହି ବୃଦ୍ଧାବସ୍ଥାରୁ ହିଁ ନୂଆ ଏକ ଜୀବନ ଆରମ୍ଭ କରିବାକୁ ପ୍ରୟାସ କରିଛନ୍ତି। ଜଞ୍ଜାଳର ଚାପରେ ପେଷି ହୋଇଯାଇଥିବା ସ୍ୱପ୍ନକୁ ସାକାର କରିବା ପାଇଁ ପାଦ ଆଗକୁ ବଢ଼ାଇଛନ୍ତି। ଆଉ ସଫଳ ହୋଇ ପ୍ରମାଣିତ କରିଦେଇଛନ୍ତି ଯେ, ବାର୍ଦ୍ଧକ୍ୟ କେବେ ସଫଳତା ପଥରେ ପ୍ରତିବନ୍ଧକ ସାଜିପାରେନା...

**ଆଧୁନିକ ଉପାୟରେ କୃଷିକରି ଉଦାହରଣ ସାଜିଲେ କ୍ଷିତିସୂତା :** ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ସ୍ଥିତ ଖମ୍ବେଶ୍ୱରୀପାଲି ଗ୍ରାମର କ୍ଷିତିସୂତା ମିଶ୍ର। ବୟସ ୮୨। ସ୍ୱାମୀ ସତ୍ୟବାଦୀ ମିଶ୍ର ପେସାରେ ଜଣେ ଜ୍ୟୋତିଷ ଥିଲେ। ତାଙ୍କ ମୃତ୍ୟୁ ପରେ କ୍ଷିତିସୂତା ଭାଙ୍ଗି ନ ପଡି ପରିବାରର ବୋଝ ମୁଣ୍ଡାଇଥିଲେ। ୭ ପୁଅରେ ତାଙ୍କର ଗୋଟିଏ ଝିଅ । ପୈତୃକ ଜମି ଥିଲା ମାତ୍ର ୪ ଏକର। ସେଥିରୁ ଯାହା ଅମଳ ମିଳୁଥିଲା ପରିବାର ଭରଣ ପୋଷଣ କରିବା କଷ୍ଟ ହେଉଥିଲା। ତଥାପି ଅନେକ କଷ୍ଟକରି ପୁଅମାନଙ୍କୁ ବାହା କରି ଘରକୁ ବୋହୂ ଆଣିଲେ। ଝିଅ ବି ବାହା କଲେ। ଧୀରେ ଧୀରେ ପରିବାର ବଢ଼ିଲା, ଆଉ ଖର୍ଚ୍ଚ ମଧ୍ୟ। ତାଙ୍କର ଯୌଥ ପରିବାର। ସଦସ୍ୟଙ୍କ ସଂଖ୍ୟା ୪୫। ସେଥିପାଇଁ ଘର ପଛପଟ ଜମିରୁ ଅଧିକ ଫସଲ ଫଳେଇବାକୁ ଅଣ୍ଟା ଭିଡିଲେ। ବ୍ରାହ୍ମଣ ପରିବାରର ହେଲେ ମଧ୍ୟ ଚାଷକୁ ଆପଣେଇଲେ। କୃଷି ବିଭାଗର କର୍ମଚାରୀଙ୍କ ସହ ସମ୍ପର୍କ ରଖିଲେ। ପୁଅମାନେ ମଧ୍ୟ ମା'ଙ୍କୁ ସହଯୋଗ କଲେ। ଉନ୍ନତ କୃଷି ଯନ୍ତ୍ରପାତି ହିସାବରେ ରିହାତିର ସୁଯୋଗ ନେଇ ଟ୍ରାକ୍ଟର, ପାୱାର ଟିଲର, ସମସ୍ତ ପ୍ରକାର ଲଙ୍ଗଳ ଇତ୍ୟାଦି କିଣିନେଇ ଅଧିକ ଅମଳକ୍ଷମରୁ ସଙ୍କର କିସମ ଧାନ ଚାଷକଲେ। ବଡ଼ ପରିବାରର ଆବଶ୍ୟକତା ଦୃଷ୍ଟିରୁ ଖଣ୍ଡେ ଖଣ୍ଡେ ଜମି ବି କିଣିଲେ। ସକାଳୁ ଉଠି ମୂଲିଆମାନଙ୍କୁ ଜଳଖିଆ ଦେଇ ତାଙ୍କ ସହିତ ଜମିକୁ ବାହାରିଯା'ନ୍ତି। ବିଲ ହୁଡ଼ା ଗଛଛାଇରେ ବସି ଛତାଧରି ଏପଟ ସେପଟ ହୋଇ ଆଜି କି କାମ ହେବ ବତାନ୍ତି। ଆଉ ସେମାନଙ୍କ ପାଇଁ ବିଲ ମୁଣ୍ଡକୁ ଖାଇବାକୁ ପଠାଇ ଘରକୁ ଆସିଥାନ୍ତି। ଇଂରାଜି ପାଠ ନ ପଢ଼ିଥିଲେ ମଧ୍ୟ କେଉଁ ଧାନ ହେବ, କି ସାର ପଡ଼ିବ, କେତେ ପଇସା ଖର୍ଚ୍ଚ ହେଲା ସବୁ ନିଜେ ଲେଖନ୍ତି। ନ ହେଲେ ନାତୁଣୀ ନାତିଙ୍କ ହାତରେ ଲେଖାନ୍ତି। ଏମିତି ମାଟି ସହ ମାଟି ହୋଇ ସ୍ୱାମୀଙ୍କ ମୃତ୍ୟୁର ଏତେବର୍ଷ ଯେ କେମିତି ବିତି ଗଲାଣି ପଛକୁ ଫେରି ଚାହିଁ ନାହାନ୍ତି । ଶ୍ରୀମତୀ ମିଶ୍ର ଏବେ ୨୦.୫୬ ଏକର ଜମିର ଅଧିକାରିଣୀ। ଗତ ୨୦୧୨-୧୩ ବର୍ଷରେ ସେ କରିଥିବା ସଙ୍କର କିସମ ଧାନ ଚାଷକରି ହେକ୍ଟର ପ୍ରତି ୧୦୭.୨୦ କୁଇଣ୍ଟାଲ କଞ୍ଚା/ ୯୩.୨୬ କୁଇଣ୍ଟାଲ ଶୁଖିଲା ଧାନ ଅମଳ କରି ରେକର୍ଡ ସୃଷ୍ଟି କରିଥିଲେ। ସେ ବର୍ଷ ସୋନପୁର ବ୍ଲକର ହାରାହାରି ଉତ୍ପାଦନ ହେକ୍ଟର ପ୍ରତି ୫୯.୨୦ କୁଇଣ୍ଟାଲ ହୋଇଥିବାବେଳେ ସୁବର୍ଣ୍ଣପୁର ଜିଲାର ହାରାହାରି ଉତ୍ପାଦନ ୬୩.୯୪ କୁଇଣ୍ଟାଲ ଥିଲା। ଧାନ ଉତ୍ପାଦନ କ୍ଷେତ୍ରରେ ତାଙ୍କର ଏହି ସଫଳତା ଯୋଗୁଁ ତାଙ୍କୁ ୨୦୧୨-୧୩ ବର୍ଷ ପାଇଁ କୃଷି କର୍ମଣ ପୁରସ୍କାର ଲାଗି ତାଙ୍କୁ ମନୋନିତ କରାଯାଇଥିଲା। ଆଉ ୨୦୧୪ ମସିହା ଫେବୃୟାରୀ ମାସ ୧୦ ତାରିଖରେ ଦିଲ୍ଲୀର ବିଜ୍ଞାନ ଭବନରେ ଭାରତର ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଠାରୁ ମାନପତ୍ର, ଫଳକ ଓ ୧ ଲକ୍ଷ ଟଙ୍କା ପୁରସ୍କାର ଗ୍ରହଣ କରି ରାଜ୍ୟକୁ ଗୌରବାନ୍ୱିତ କରିଥିଲେ। ଧାନ ଫସଲ ବ୍ୟତୀତ ଅନ୍ୟାନ୍ୟ ଅଣ ଧାନ ଯଥା ଡାଲି, ତୈଳବୀଜ, ପନିପରିବା ପ୍ରଭୃତି ଚାଷକରି ସେ କୃଷିକୁ ଅର୍ଥକରୀ କରି ପାରିଛନ୍ତି। କ୍ଷିତିସୂତା କେବଳ ଜଣେ ସଫଳ ମହିଳା କୃଷକ ଭାବେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ନାହାନ୍ତି। ସେ ଜଣେ ସୁଗୃହିଣୀ ମଧ୍ୟ। ନିଜର ଯୌଥ ପରିବାରକୁ ସେ ଗୋଟିଏ ସୂତାରେ ବାନ୍ଧି ରଖିଛନ୍ତି। ଏବେ ତାଙ୍କୁ ୮୨ ବର୍ଷ ବୟସ। ଜମିକୁ ଯାଇ ନିଜେ ଚାଷ କରିପାରୁ ନାହାନ୍ତି। ହେଲେ ବିଲ ହୁଡ଼ାରେ ବସି ବ୍ଲକ୍‌ର କୃଷି ଅଧିକାରୀ ଓ ପଞ୍ଚାୟତରେ ଥିବା ଗ୍ରାମ୍ୟ କୃଷି କର୍ମଚାରୀଙ୍କଠାରୁ ଶିଖିଥିବା ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରି ଅଧିକ ଅମଳକ୍ଷମ ତଥା ସଙ୍କର କିସମର କି କି ଧାନ କେଉଁ କେଉଁ ଜମିରେ ଚାଷ କରାଯିବ, କେଉଁଥିରେ କେତେବେଳେ କି ସାର ପ୍ରୟୋଗ କରାଯିବ, କେତେବେଳେ କେଉଁ ରୋଗପୋକ ଲାଗିଲେ ତା'ର କି ପ୍ରକାର ନିରାକରଣ କରାଯିବ ଆଦିର ସୂଚନା ପୁଅ ଭଳି ସ୍ନେହ କରୁଥିବା ଗାଁର କୃଷକମାନଙ୍କୁ ବତାଇଥାନ୍ତି।


ଯୁଧେୟା

**ଷାଠିଏ ବର୍ଷରେ ଧରିଲେ କଲମ:** ଶକୁନ୍ତଳା ରଥ । ଖୋର୍ଦ୍ଧା ଜିଲା ଜଟଣୀ ଗାନ୍ଧୀନଗର ଅଞ୍ଚଳରେ ତାଙ୍କ ଘର । ୧୯୪୯ ମସିହା ମେ ୧୦ ତାରିଖରେ ତାଙ୍କ ଜନ୍ମ । ପିଲାବେଳୁ ଲେଖାଲେଖିରେ ତାଙ୍କର ବହୁ ରୁଚି ରହିଥିଲା । ସ୍କୁଲରେ ପଢ଼ିବାବେଳେ କେତେଜଣ ଶିକ୍ଷକଙ୍କ ପ୍ରେରଣାରେ କେତୋଟି କବିତା ଲେଖିଥିଲେ। ସେତେବେଳେ ଏହାକୁ ପଢ଼ି ଘର ଓ ବାହାର ଲୋକେ ଖୁସିହେବା ସହ ଉତ୍ସାହିତ କରିଥିଲେ । କବିତା ଲେଖା ସହ ପଢ଼ିବାକୁ ବି ସେ ଭଲ ପାଉଥିଲେ । ହେଲେ ସଂସାର ଜଞ୍ଜାଳ ଭିତରେ କ୍ରମେ ପାଠପଢ଼ାରେ ତାଙ୍କର ଡୋରି ବନ୍ଧା ହୋଇଥିଲା। ହେଲେ ସାହିତ୍ୟ ପ୍ରତି ଥିବା ଦୁର୍ବଳତା ଦୀର୍ଘ ୪୦ବର୍ଷ ପରେ ତଥା ବୟସର ସାୟାହ୍ନରେ ପୁଣିଥରେ ଚେଇଁ ଉଠିଥିଲା। ଆଉ ୬୦ ବର୍ଷ ବୟସରେ ସେ କଲମ ଓ କାଗଜକୁ ପୁଣିଥରେ ଧରିଥିଲେ । ତାଙ୍କ କଲମରୁ ଝରିପଡ଼ିଥିଲା ଅନେକ ବାସ୍ତବଧର୍ମୀ ଲେଖା। ତାଙ୍କ ଲେଖାରେ କଳ୍ପନା ଅପେକ୍ଷା ବାସ୍ତବତା ଏବଂ ଭାବ, ଅନୁଭବ ଓ ଅଭିବ୍ୟକ୍ତି ଅଧିକ ଭରି ରହିଥାଏ। ୨୦୧୨ ରୁ ୨୦୧୯ ମଧ୍ୟରେ ଗଦ୍ୟ, ପଦ୍ୟ ହୋଇ ତାଙ୍କର ୪ଟି ପୁସ୍ତକ ସଂକଳନ ପ୍ରକାଶିତ ହୋଇଛି। ତାହା ହେଲା- 'ସଂପର୍କ', 'ଅଶ୍ରୁ ଅଭିସାର', 'ଅଭିପ୍ସାର ସୂର୍ଯ୍ୟ', 'ଜ୍ୟୋତିସ୍ୱରୂପା' । ଏହାଛଡ଼ା


ହରଭଜନ


ଶଶୀ

ତାଙ୍କର ଅନେକ କବିତା, ଗଳ୍ପ, ପ୍ରବନ୍ଧ, ଅନୁଭୂତିର କଥା ଆଦି ପ୍ରକାଶନ ଅପେକ୍ଷାରେ ରହିଛି। ବନ୍ଧୁ ପ୍ରିୟଜନଙ୍କ ବିବାହ ବ୍ରତ ଆଦି ମାଙ୍ଗଳିକ କାର୍ଯ୍ୟ ପାଇଁ ମଧ୍ୟ ସେ ଲେଖୁଛନ୍ତି। ଶକୁନ୍ତଳା କହନ୍ତି, 'ବାର୍ଦ୍ଧକ୍ୟରେ ଲେଖିବା ପାଇଁ ବଳ ପାଉନାହିଁ। ହାତ ଥରୁଛି। ବେଳେ ବେଳେ କଲମ ଅଟକି ଯାଉଛି। ହେଲେ ମନରୁ ସାହସ କମିନି। ତେଣୁ ଜୀବନର ଶେଷ ପର୍ଯ୍ୟନ୍ତ ଲେଖିଚାଲିବି।'

**ଅ, ଆ ରୁ ହେଲେ କବୟିତ୍ରୀ:** ଜଗତ୍‌ସିଂହ ପୁର ଜିଲା, ପାରାଦୀପ ପୌରାଞ୍ଚଳ, ୧୪ ନଂ. ୱାର୍ଡସ୍ଥ ନୂଆବଜାର ଟ୍ରଲିପଡ଼ା ବସ୍ତିର ତିଳୋତ୍ତମା ପାତ୍ର। ପିଲାଦିନେ ସେ ପଢିବାର ସୁଯୋଗ ପାଇ ନ ଥିଲେ। ସମୟ କ୍ରମେ ସେ ବିବାହ କଲେ। ସ୍ୱାମୀ ଦିନ ମଜୁରିଆ। ଚାରୋଟି ସନ୍ତାନର ମା' ହେଲେ। ପିଲାମାନେ ବଡ଼ ହୋଇ ପାଠ ପଢ଼ିବାକୁ ଗଲେ। ସେମାନଙ୍କ ପଢ଼ା ଦେଖି ତାଙ୍କ ମନରେ ବି ପଢ଼ିବାର ଆଗ୍ରହ ଜେଇଁ ଉଠିଥିଲା। ହେଲେ ଘର ସଂସାରର ଜଞ୍ଜାଳରେ ଦିନ ପରେ ଦିନ ବିତି ଚାଲିଲା। ବୟସ ଗଡ଼ି ଚାଲିଲା। ତେବେ ଦିନେ ସେ ରହୁଥିବା ଟ୍ରଲିପଡ଼ା ବସ୍ତିକୁ ଉଚ୍ଛେଦ ପାଇଁ ବନ୍ଦର କର୍ତ୍ତୃପକ୍ଷ ଯାଇଥିଲେ। ଏହାକୁ ବିରୋଧ କରି ବସ୍ତି ମହିଳାମାନେ ସେତେବେଳର ବନ୍ଦର ଅଧ୍ୟକ୍ଷ ପ୍ରେମାନନ୍ଦ ତ୍ରିପାଠୀଙ୍କୁ ଅନୁରୋଧ କଲେ। ଅଧ୍ୟକ୍ଷ ତ୍ରିପାଠୀ ପ୍ରସ୍ତାବ ଦେଲେ ବସ୍ତି ମହିଳାମାନେ ପାରାଦୀପ ବନ୍ଦର ସାକ୍ଷରତା ସମିତି ଦ୍ୱାରା ପ୍ରଦତ୍ତ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମରେ ସାମିଲ ହେଲେ ବସ୍ତି ରହିବ। ମହିଳାମାନେ ରାଜି ହୋଇ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମରେ ଯୋଗଦେଲେ। ତିଳୋତ୍ତମାଙ୍କ ସହ ୩୦ ଜଣ ଏଥିରେ ପଢ଼ିଲେ। ସମୟକ୍ରମେ ଅନ୍ୟ ମହିଳା ସଂସାର ଜଞ୍ଜାଳରେ ପଢ଼ାଠୁ ଦୂରେଇ ଯାଇଥିଲେ। ହେଲେ ତିଳୋତ୍ତମା ପଢ଼ା ଜାରି ରଖିଲେ। ଓଡ଼ିଆ ଜାଣିବା ପରେ ଇଂରାଜି, ବଙ୍ଗଳା ଓ ହିନ୍ଦୀ ବି ଶିଖିଲେ। ଆଉ ପ୍ରଥମେ ସେ ଜଗନ୍ନାଥଙ୍କ ଜଣାଣକୁ ଛାନ୍ଦ ଆକାରରେ ଲେଖିଲେ। ପରେ ଅନ୍ୟ ପ୍ରସଙ୍ଗକୁ ନେଇ ଗପ, କବିତା ଲେଖିଲେ। ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ମାସିକ ପତ୍ରିକା 'ସାକ୍ଷର ଦୀପ'ରେ ତାଙ୍କର ଲେଖା ବାହାରିଲା। ପରେ ତାଙ୍କର ଏକ କବିତା ସଂକଳନ 'ପ୍ରଥମଗୀତ' ପ୍ରକାଶ ପାଇଲା। ଆହୁରି ମଧ ଅନେକ ଲେଖା ତାଙ୍କର ଅଛି। ହେଲେ ଅର୍ଥାଭାବରୁ ପ୍ରକାଶ ପାଇ ପାରୁନି। ଏହାବାଦ୍ ସେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରି ବସ୍ତି ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବା ଲାଗି ତାଲିମ ଦେଉଛନ୍ତି। ସେ ବେଶ୍ ପରୋପକାରୀ ମଧ। ଦିନେ ସେ ଜଣେ ଗର୍ଭବତୀ ମହିଳାଙ୍କୁ ବର୍ଷା ସମୟରେ ଡାକ୍ତରଖାନା ନେଇ ନ ହେବାରୁ ଘରେ ପ୍ରସବ କରାଇଥିଲେ। ଆଉ ପରେ ଡାକ୍ତରଖାନା ନେଲେ। ଏଥିରେ ତତ୍କାଳୀନ ସରକାରୀ ଡାକ୍ତର ତାଙ୍କୁ ଆଶାକର୍ମୀ ଭାବେ ନିଯୁକ୍ତି ଦେଇଥିଲେ। ହେଲେ ବିଧିବଦ୍ଧଭାବେ ଚାକିରି ପାଇଁ ତାଙ୍କୁ ଦଶମ ପାସ୍ ହେବା ଜରୁରୀ। ସେଥିପାଇଁ ସେ ଏବେ କୁଜଙ୍ଗ ବନବିହାରୀ ହାଇସ୍କୁଲରେ ନାମ ଲେଖାଇଛନ୍ତି। ଆଉ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ଲାଗି ସେ ପ୍ରସ୍ତୁତ ହେଉଛନ୍ତି। ଘର କାମ, ଆଶାକର୍ମୀର ଦାୟିତ୍ୱ, ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ଦାୟିତ୍ୱ ଆଦିକୁ ସେ ବେଶ୍ ସୁଚାରୁରୂପେ ତୁଲାଇବା ସହ ବିଳମ୍ବିତ ରାତି ପର୍ଯ୍ୟନ୍ତ ପଢୁଛନ୍ତି। ତାଙ୍କର ଏହି ଦୃଢ଼ ମନୋବଳ ଏବେ ଅନ୍ୟଙ୍କ ପାଇଁ ପ୍ରେରଣା ସାଜିଛି।

**ମହମବତୀ ତିଆରି ଶିଖାଉଛନ୍ତି ଶଶୀ :** ରାସ୍ତା ପାର୍ଶ୍ୱରେ ନିଃସହାୟ ଅବସ୍ଥାରେ ପଡ଼ିଥିଲେ ଶଶୀ ସାଓ ନାମ୍ନୀ ବୃଦ୍ଧା। ଜଟଣୀରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଆଶାକିରଣ ହୋମ୍‌ର ସ୍ୱେଚ୍ଛାସେବୀଙ୍କ ଦୃଷ୍ଟିରେ ଏହା ପଡ଼ିଥିଲା। ଶଶୀଙ୍କୁ ସ୍ୱେଚ୍ଛାସେବୀମାନେ ସେଠାରୁ ଆଣି ଆଶାକିରଣର ବୃଦ୍ଧାଶ୍ରମରେ ରଖିଥିଲେ। ତାଙ୍କର ସେବା ଶୁଶ୍ରୂଷା କରିବା ସହ ଚିକିତ୍ସା ବ୍ୟବସ୍ଥା କରି ସମ୍ପୂର୍ଣ୍ଣ ସୁସ୍ଥ କରିଥିଲେ। ଏହା ୧୩ ବର୍ଷ ତଳର କଥା। ବର୍ତ୍ତମାନ ଶଶୀଙ୍କୁ ୭୩ ବର୍ଷ। ଏହି ସ୍ୱେଚ୍ଛାସେବୀ ସଂଗଠନରେ ରହୁଥିବା ଏପରି ବୃଦ୍ଧାଙ୍କୁ ଚଳଚଞ୍ଚଳ ରଖିବା ସହ ନକାରାତ୍ମକ ଚିନ୍ତା ତାଙ୍କ ମଧ୍ୟରେ ନ ପଶିବ ତାକୁ ଦୃଷ୍ଟିରେ ରଖି କେତେକ ହାଲୁକା କାର୍ଯ୍ୟ କରିବାକୁ ଏମାନଙ୍କୁ ଦିଆଯାଇଥାଏ। ତା ମଧ୍ୟରେ ରହିଛି ମହମବତି ପ୍ରସ୍ତୁତ କରିବା। ଶଶୀ ମହମବତି ତିଆରି କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଦୁଇବର୍ଷ ହେବ ସେ ଏହି କାମ କରୁଛନ୍ତି। ଏଥିରେ ବେଶ୍ ପାରଙ୍ଗମ ବି ହୋଇପାରିଛନ୍ତି। ଫଳରେ ସେ ଏବେ ବୃଦ୍ଧାଶ୍ରମର ଅନ୍ୟ ବୃଦ୍ଧାମାନଙ୍କୁ ମହମବତି ତିଆରି ଶିଖାଉଛନ୍ତି। ସେହି ମହମବତିକୁ ବିକ୍ରି କରାଯାଏ। ଆଉ ମହମବତି ପ୍ୟାକେଟ୍ ପିଛା ଶଶୀ ଏବେ ୧୫ରୁ ୨୦ଟଙ୍କା ପାଉଛନ୍ତି। ଯାହାକୁ ସଞ୍ଚୟ କରି ସେ ନିଜ ପାଇଁ ଶାଢ଼ି, ସାବୁନ ତଥା ମନପସନ୍ଦର ସାମଗ୍ରୀ କିଣୁଛନ୍ତି। କିଛି ଟଙ୍କା ସେ ସଞ୍ଚୟ ବି କରି ରଖିଛନ୍ତି। ଶଶୀ ଆଉ ଦୁଇ ପାଦ ଆଗକୁ ଯାଇ କାଗଜବ୍ୟାଗ କରିବାକୁ ଚାହୁଁଛନ୍ତି। ତେଣୁ କାଗଜ ବ୍ୟାଗ୍ ତିଆରି ମେଶିନ୍ ଆଣିବାକୁ ସେ ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟ ହୋଚିମିନ୍ ଶାସ୍ତ୍ରୀଙ୍କୁ ଅନେକଥର କହିଛନ୍ତି। ଶଶୀ କହନ୍ତି, 'ବୃଦ୍ଧାବସ୍ଥାରେ କେବଳ ବସି ନ ରହି ଏପରି ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହିଲେ ମନ, ଶରୀର ସୁସ୍ଥ ରହିବା ସହ ଜଣେ ରୋଜଗାରକ୍ଷମ ବି ହୋଇପାରିବେ।'

**୭୦ରେ ଶିଖିଲେ ଚିତ୍ରକଳା, ପ୍ରଦର୍ଶିତ ହେଲା ବିଦେଶରେ:** ମଧ୍ୟପ୍ରଦେଶ ଉମରିଆ ଜିଲାସ୍ଥ ଲୋର୍‌ହା ଗାଁର ଆଦିବାସୀ ମହିଳା ଯୁଧେୟା ବାଈ ବାଇଗା। ବୟସ ୮୦ରୁ ଊର୍ଦ୍ଧ୍ୱ। କୃଷି ଓ ଜଙ୍ଗଲ ଉପରେ ନିର୍ଭର କରି ତାଙ୍କ ପରିବାର ଚଳେ। ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ। କିଛିବର୍ଷ ପୂର୍ବେ ସେ ସ୍ୱାମୀଙ୍କୁ ହରାଇଥିଲେ। ଏହା ପରେ ପରିବାର ଚଳାଇବାର ଦାୟିତ୍ୱ ତାଙ୍କ ଉପରେ ପଡ଼ିଥିଲା। ବହୁ କଷ୍ଟକରି ପରିବାର ଚଳାଇଲେ। ଝିଅକୁ ବାହା କରାଇଲେ। ତେବେ ୭୦ ବର୍ଷ ବୟସରେ ତାଙ୍କ ଜୀବନରେ ଆସିଲା ଏକ ନୂଆ ମୋଡ଼, ଯେବେ ସେ ଆର୍ଟ ଟିଚର୍ ଆଶିଷ ସ୍ୱାମୀଙ୍କ ସଂସ୍ପର୍ଶରେ ଆସିଲେ। ଆଶିଷ ଲୋର୍‌ହା ଗାଁରେ ମାଗଣାରେ ଚିତ୍ରକଳା ଶିଖାଇବା ଆରମ୍ଭ କରିଥିଲେ। ଚିତ୍ରକଳା ଶିଖାଇବା ସହ ସେମାନଙ୍କ କଳାକୁ ବିକ୍ରି କରାଇ ରୋଜଗାରକ୍ଷମ କରାଉଥିଲେ। ବାଇଗା ବି ଆଶିଷଙ୍କଠାରୁ ଚିତ୍ରକଳା ଶିଖିବା ଆରମ୍ଭ କଲେ। ଆଉ ଖୁବ୍ କମ୍ ସମୟ ମଧରେ ସୁନ୍ଦର ଚିତ୍ର କରିବା ଆରମ୍ଭ କଲେ। ତାଙ୍କ ପେଣ୍ଟିଂଗୁଡ଼ିକ ବିକ୍ରି ହେଲା। ପରେ ଆଶିଷ ଦେଖିଲେ ବାଇଗାଙ୍କ ଚିତ୍ରଗୁଡିକ ତା'ର ଉଚିତ ମୂଲ୍ୟ ପାଉନାହିଁ। ତେଣୁ ଏହାକୁ ସେ ଭାରତର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରାଇବା ଆରମ୍ଭ କଲେ। ଏବେ ତାଙ୍କ ପେଣ୍ଟିଂ ବହୁ ମୂଲ୍ୟରେ ବିକ୍ରି ହେଉଛି। ତେବେ ତାଙ୍କୁ ସବୁଠୁ ବଡ଼ ସଫଳତା ସେତେବେଳେ ମିଳିଲା ଯେବେ ତାଙ୍କ ପେଣ୍ଟିଂ ଇଟାଲିର ମିଲନ୍‌ରେ ପ୍ରଦର୍ଶିତ ହେଲା। ପ୍ରଦର୍ଶିତ ହେବା ସଙ୍ଗେ ସଙ୍ଗେ ପେଣ୍ଟିଂ ବିକ୍ରି ବି ହୋଇଯାଇଥିଲା। ଏହାବାଦ୍ ତାଙ୍କ ପେଣ୍ଟିଂ ପ୍ୟାରିସ୍‌ରେ ବି ପ୍ରଦର୍ଶିତ ହୋଇଛି। ବାଇଗା କହନ୍ତି, 'ଜୀବନର ଅଧିକାଂଶ ସମୟ କ୍ଷେତରେ ଓ ଜଙ୍ଗଲରେ ବିତାଇଛି। ପେଣ୍ଟିଂ କରି ମତେ ଖୁସି ଓ ଶାନ୍ତି ମିଳିଥାଏ। ଲାଗେ ସତେ ଯେମିତି ମୁଁ ମୁକ୍ତ ବିହଙ୍ଗ ପାଲଟି ଉଡ଼ି ଉଡ଼ି ଭିନ୍ନ ଏକ ଦୁନିଆକୁ ଚାଲିଯାଉଛି। ଆଉ ଯେବେ ମୋ ପେଣ୍ଟିଂ ଅନ୍ତର୍ଜାତୀୟ ଖ୍ୟାତି ପାଇଲା ତ ବହୁତ ଖୁସି ଲାଗିଲା। ଏହାବାଦ୍ ଆଦିବାସୀ କଳା, ସଂସ୍କୃତିକୁ ବିଶ୍ୱ ମାନଚିତ୍ରରେ ପହଞ୍ଚାଇ ପାରିଥିବାରୁ ମତେ ଆତ୍ମସନ୍ତୋଷ ମିଳେ।'

**୯୦ରେ ଆରମ୍ଭ କଲେ 'ଷ୍ଟାର୍ଟଅପ୍':** ୪ ବର୍ଷ ତଳର କଥା। ଚଣ୍ଡିଗଡ଼ର ୯୪ ବର୍ଷୀୟା ହରଭଜନ କୌର, ଝିଅ ରବିନା ସୁରୀଙ୍କ ସହ କଥା ହେଉଥିବାବେଳେ ମନରେ ଥିବା ଏକ କ୍ଷୋଭ ସମ୍ପର୍କରେ କହିଥିଲେ। ସେ କହିଥିଲେ, 'ମୋ ଜୀବନରେ କିଛି ଅଭାବ ନାହିଁ। ହେଲେ ଏକ ଦୁଃଖ ରହିଛି ଯେ, ମୁଁ କେବେ ଏକ ଟଙ୍କା ବି ରୋଜଗାର କରିନି।' ଏହି କଥାକୁ ଗୁରୁତ୍ୱର ସହ ନେଇଥିଲେ ଝିଅ ରବିନା। ସେ ଜାଣିଥିଲେ ତାଙ୍କ ମା' ଚମତ୍କାର ରୋଷେଇ କରନ୍ତି। ସମସ୍ତଙ୍କ ମନଜାଣି ସେ ସୁଆଦିଆ ଖାଦ୍ୟ ରାନ୍ଧିଛନ୍ତି। ହେଲେ କେବେ ଏଥିପାଇଁ ତାଙ୍କୁ ପ୍ରଶଂସା ଟିକେ ବି ମିଳିନି। ତେବେ ତାଙ୍କ ହାତ ତିଆରି ବେସନ ବର୍ଫିର କଥା ଅଲଗା। ସେ ବିଭିନ୍ନ ପ୍ରକାରର ଆଚାର ଓ ମିଠା ତିଆରି କରିବାରେ ବି ପାରଙ୍ଗମ। ତେଣୁ ସେ ଚିନ୍ତା କଲେ ମା'ଙ୍କ ହାତ ତିଆରି ସ୍ୱାଦିଷ୍ଟ ବ୍ୟଞ୍ଜନ ଲୋକଙ୍କ ପାଖରେ ପହଞ୍ଚାଇବେ। ହରଭଜନ ବି ରାଜି ହେଲେ। ୯୪ବର୍ଷରେ ଆରମ୍ଭ କଲେ ନୂଆ ଷ୍ଟାର୍ଟ ଅପ୍। ସ୍ଥାନୀୟ ବଜାରରେ ଏକ ଦୋକାନ କରି ରବିନା ମା'ଙ୍କ ହାତ ତିଆରି ବେସନ ବର୍ଫି ବିକ୍ରି କଲେ। ଆଉ ପ୍ରଥମ ଦିନ ମା' ହରଭଜନ ଗ୍ରାହକଙ୍କ ସହ କଥା ହୋଇ ବେସନ ବର୍ଫି ବିକ୍ରି କରି ରୋଜଗାର କଲେ ୨୦୦୦ଟଙ୍କା। ତାହା ଥିଲା ତାଙ୍କର ପ୍ରଥମ ରୋଜଗାର। ଏହାପରେ ସେ ବର୍ଫି, ଚଟଣୀ, ବିଭିନ୍ନ ପ୍ରକାରର ଆଚାର ତିଆରି କରି ପ୍ରତି ୧୦ ଦିନରେ ଥରେ ବଜାରକୁ ନେଇ ବିକ୍ରି କଲେ। ଏଥିରେ ତାଙ୍କୁ ପରମ ଆତ୍ମସନ୍ତୋଷ ମିଳିଲା। ପରେ ତାଙ୍କ ପାଖକୁ ଅର୍ଡର ଆସିବାକୁ ଲାଗିଲା। ରବିନା ମା'ଙ୍କ ହାତ ତିଆରି ଖାଦ୍ୟକୁ ଏକ ବ୍ରାଣ୍ଡ କରିବାକୁ ନିଷ୍ପତ୍ତି ନେଲେ। ସେଥିପାଇଁ ଖାଦ୍ୟକୁ ସୁନ୍ଦର ପ୍ୟାକେଜିଂ କରି ସେଥିରେ ଟ୍ୟାଗଲାଇନ୍ ଦେଲେ- 'ବଚ୍‌ପନ୍ ୟାଦ ଆୟେଗି'। ଏବେ ହରଭଜନ ପ୍ରତିଦିନ ୫-୧୦ କି.ଗ୍ରା. ବେସନ ବର୍ଫି ତିଆରି କରୁଛନ୍ତି। ତାଙ୍କ ହାତ ତିଆରି ବର୍ଫିର ଚହିଦା ବଢ଼ିବାକୁ ଲାଗିଛି। ଆଉ ଏ ବୟସରେ ବି ସେ ଅର୍ଡର ଅନୁସାରେ ବର୍ଫି, ଚଟଣୀ ଆଦି ତିଆରି କରୁଛନ୍ତି। ତେବେ ହରଭଜନଙ୍କ କାହାଣୀ ସେତେବେଳେ ଚର୍ଚ୍ଚାକୁ ଆସିଲା ଯେବେ ମହିନ୍ଦ୍ରା ଗ୍ରୁପ୍‌ର ଚେୟାରମ୍ୟାନ୍ ଆନନ୍ଦ ମହିନ୍ଦ୍ରା ଟୁଇଟ୍ କଲେ, 'When you hear the word 'start-up' it brings to mind images of millennials in Silicon Valley or Bengaluru trying to build billion dollar 'unicorns.' From now on let's also include a 94-yr-old woman who doesn't think it's too late to do a start-up.' ଆନନ୍ଦ ମହିନ୍ଦ୍ରାଙ୍କର ଏହି ଟୁଇଟ୍‌କୁ ସମସ୍ତେ ବହୁତ ପସନ୍ଦ କରିଥିଲେ। ଆଉ ହରଭଜନ ପାଲଟିଗଲେ ଏକ ପ୍ରେରଣାର ଉତ୍ସ। ସେ ପ୍ରମାଣ କରିଦେଲେ ଯେ, ସ୍ୱପ୍ନକୁ ସାକାର କରିବା ପାଇଁ ବୟସ କେବେ ବାଧକ ସାଜିପାରେନା।



କ୍ଷିତିସୁତା

*- ଶିବାନୀ ମହାନ୍ତି*

*ଶ୍ରୀକାନ୍ତ ପରିଜା, ମୃତ୍ୟୁଞ୍ଜୟ ଶତପଥୀ, ଶରତ କୁମାର ରାଉତ*

# ହୋଲିରେ ଲାଗିବେ ଖାସ୍








**ହୋଲି ଖେଳିବାର ମଜା ହିଁ କିଛି ନିଆରା। କିନ୍ତୁ କେବଳ ହୋଲି ଖେଳିଲେ ତ ହେବନାହିଁ, ଏହି ଖାସ୍ ଦିନରେ ଟିକେ ସ୍ପେଶାଲ୍ ଦେଖାଯିବା ବି ନିହାତି ଜରୁରୀ। କାରଣ ଏବେ ଟ୍ରେଣ୍ଡ ବଦଳିଲାଣି। ଆଉ କେହି ପୁରୁଣା ପୋଷାକରେ ହୋଲି ଖେଳିବାକୁ ପସନ୍ଦ କରୁ ନାହାନ୍ତି। ବରଂ ଏହିଦିନ ସେମାନେ ସଜବାଜ ହୋଇ ଭଲ ପୋଷାକ ପିନ୍ଧି ପରିବାର ତଥା ସାଙ୍ଗସାଥୀଙ୍କ ସହ ହୋଲି ଖେଳି ମଜା ମଉଜରେ ଦିନ କାଟିବାକୁ ପସନ୍ଦ କରୁଛନ୍ତି। ତେଣୁ ଏହି ଖାସ୍ ଦିନରେ କିପରି ସ୍ପେଶାଲ୍ ଲୁକ୍ ପାଇହେବ, ସେ ନେଇ କିଛି ଟିପ୍ସ...**



✲ ହୋଲିରେ ଅନେକେ ଧଳା ରଙ୍ଗର ପୋଷାକ ପିନ୍ଧିବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଯେଉଁଠି ରଙ୍ଗର ଏତେ ସବୁ ଭେରାଇଟି ରହିଛି, ସେଠି କେବଳ ଧଳା ରଙ୍ଗ କାହିଁକି! ଆପଣ ଚାହିଁଲେ ଏହିଦିନ ମଲ୍ଟି କଲର୍‌ର ଆଉଟ୍‌ଫିଟ୍ ତଥା ମଲ୍ଟି କଲର୍‌ର ଚୁନି ଟ୍ରାଏ କରି ଟ୍ରେଣ୍ଡି ଲୁକ୍ ବି ପାଇପାରିବେ। ସେହିପରି ଫ୍ଲୋରାଲ୍ ଡ୍ରେସ୍ ମଧ୍ୟ ହୋଲିରେ ଆକର୍ଷଣୀୟ ଲୁକ୍ ଦେଇଥାଏ।

✲ହିଲ୍ ପରିବର୍ତ୍ତେ ରବର୍ ଶୁ' ହୋଲି ପାଇଁ ବେଷ୍ଟ ଅପ୍ସନ। ତେବେ ଧ୍ୟାନ ଦେବେ ରବର ଶୁ'ଏପରି ହୋଇଥିବା ଦରକାର, ଯାହା ପିନ୍ଧିବାକୁ କମ୍ଫର୍ଟେବଲ୍ ଲାଗିବା ସହ ପାଣିରେ ସ୍ଲିପ୍ କରୁ ନ ଥିବ। ଅନ୍ୟପକ୍ଷେ ଯେଉଁମାନେ ଏହି ଦିନ ଟିକେ ୱେଷ୍ଟର୍ନ ଲୁକ୍ ଚାହାନ୍ତି, ସେମାନେ ସ୍ନିକର୍ସ କିମ୍ବା ପମ୍ପ ଫୁଟ୍‌ୱେର୍ ବି ଟ୍ରାଏ କରିପାରିବେ।

✲ଅନେକେ ଭାବନ୍ତି, ହୋଲିଦିନ ମେକ୍‌ଅପ୍ ନେବାର କିଛି ଆବଶ୍ୟକତା ନାହିଁ। କାରଣ ରଙ୍ଗ ଲାଗିଲେ ମେକ୍‌ଅପ୍ ତ ଖରାପ ହୋଇଯିବ। ତଥାପି ବି ହୋଲିରେ ସାମାନ୍ୟ ମେକ୍‌ଅପ୍ ନେବା ନିହାତି ଜରୁରୀ। ୱାଟରପ୍ରୁଫ୍ ମେକ୍‌ଅପ୍ ନେଲେ ତ ସବୁଠୁ ଭଲ। କାହିଁକି ନା ଏବେ ମାର୍କେଟ୍‌ରେ ଏମିତି କେତେକ ରଙ୍ଗ ମିଳୁଛି, ଯେଉଁଥିରେ କ୍ଷତିକାରକ କେମିକାଲ୍ସ ରହୁଛି। ତେଣୁ ମେକ୍‌ଅପ୍ ନେଇ ଖେଳିଲେ ରଙ୍ଗରେ ଥିବା କ୍ଷତିକାରକ କେମିକାଲ୍ସର ପ୍ରଭାବ ଆଉ ଆମ ସ୍କିନ୍ ଉପରେ ସେତେ ପଡ଼ିବନି। ସେହିପରି ହୋଲି ଖେଳିବାକୁ ଯିବା ପୂର୍ବରୁ ମୁହଁ, ହାତ, ଗୋଡ ସବୁଆଡେ ସନ୍‌ସ୍କ୍ରିନ୍ ଲୋଶନ ଲଗାଇବା ମଧ୍ୟ ଦରକାର। ଅନ୍ୟପକ୍ଷେ ପରଫେକ୍ଟ ହୋଲି ଲୁକ୍ ପାଇଁ ଆପଣ ଚାହିଁଲେ ଏହିଦିନ ମଲ୍ଟି କଲର୍ ନେଲ୍‌ଆର୍ଟ ବି କରିପାରନ୍ତି।

✲ହୋଲିଦିନ ଯେମିତି ବି ହେୟାର୍ ଷ୍ଟାଇଲ୍ କରନ୍ତୁ ନା କାହିଁକି ହୋଲିର ରଙ୍ଗ ଯେମିତି କେଶର କିଛି କ୍ଷତି ନ କରିବ ସେଥିପ୍ରତି ଧ୍ୟାନ ଦେବା ବି ନିହାତି ଆବଶ୍ୟକ। ତେବେ ପୋନିଟେଲ୍ ହେଉଛି ହୋଲି ପାଇଁ ସବୁଠୁ ଭଲ ହେୟାର୍ ଷ୍ଟାଇଲ୍। ସେହିପରି ମୁଣ୍ଡରେ ସ୍କାର୍ଫ ବାନ୍ଧି ହୋଲି ଖେଳିଲେ ବି କିଛି କ୍ଷତି ନାହିଁ।

✲ହୋଲିରେ ହେଭି ଜୁଏଲେରୀ ପରିବର୍ତ୍ତେ ହାଲ୍‌କା ଆର୍ଟିଫିସିଆଲ୍ ଜୁଏଲେରୀ ପିନ୍ଧିବା ଠିକ୍ ହୋଇଥାଏ। ଯଦି ଏହି ଦିନ ଆପଣ ଟ୍ରାଡିଶନାଲ୍ ଡ୍ରେସ୍ ପିନ୍ଧୁଥାନ୍ତି, ତା'ହେଲେ ତାକୁ ମ୍ୟାଚ୍ କରି ଝୁମ୍‌କା କିମ୍ବା ମଲ୍ଟି କଲର୍ ଚୁଡି ଟ୍ରାଏ କରିପାରିବେ। ଏହା ଆକର୍ଷଣୀୟ ଲୁକ୍ ଦେବ। ଅନ୍ୟପକ୍ଷେ ଯଦି ଆପଣ ୱେଷ୍ଟର୍ନ ଟଚ୍ ଚାହୁଁଥାନ୍ତି, ତା'ହେଲେ ଜିନ୍ସ, କୁର୍ତ୍ତି ହେଉ ଅବା ନି' ଲେନ୍ଥ ଫ୍ରକ୍ ସହ ବ୍ରେସ୍‌ଲେଟ୍, ଇୟର୍ କଫ୍ସ କିମ୍ବା କୌଣସି ଷ୍ଟାଇଲିଶ୍ ମୁଦି ବି ଟ୍ରାଏ କରିପାରିବେ।

✲ ସନ୍‌ଗ୍ଲାସ୍ ବି ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଆଉ ହୋଲି ଭଳି ଦିନରେ ସନ୍‌ଗ୍ଲାସ୍ ପିନ୍ଧିବା ତ ନିହାତି ଜରୁରୀ। କାରଣ ଏହା ଟ୍ରେଣ୍ଡି ଲାଗିବା ସହ ହୋଲି ରଙ୍ଗରୁ ଆଖିକୁ ସୁରକ୍ଷା ଦେଇଥାଏ। ଆଜିକାଲି କଲର୍‌ଫୁଲ୍ ସନ୍‌ଗ୍ଲାସ୍ ବି ମିଳିଲାଣି, ଯାହାକୁ ପିନ୍ଧିଲେ ଆପଣ ହୋଲିରେ ବି ଖାସ୍ ଲୁକ୍ ପାଇପାରିବେ।



# ଆଲେକ୍‌ଜାଣ୍ଡର ଦାମାସ୍



ମାର୍ଗ୍ରେରିଟ୍ ଗାଓଟିଅର ଜଣେ ସୁନ୍ଦରୀ ଝିଅ। ସେ ବର୍ତ୍ତମାନ ପ୍ରାକ୍ ଯୌବନରେ ଉପନୀତ। ତା' ଚାରିକଡ଼ରେ ପ୍ରେମିକମାନଙ୍କର ଭିଡ଼। ସେ ବି ପ୍ରେମକୁ ନେଇ ରକ୍ଷଣଶୀଳ ନୁହେଁ। ତା'ର ପ୍ରତିଦିନ ଦରକାର ଜଣେଜଣେ ପ୍ରେମିକ। ଜୀବନ ହେଉଛି ଉପଭୋଗର ଏକ ସାମଗ୍ରୀ– ଏହା ହେଉଛି ମାର୍ଗ୍ରେରିଟ୍ ଗାଓଟିଅରର ଜୀବନ ଦର୍ଶନ। ସାଧାରଣ ଲୋକମାନେ ତାକୁ କାମେଲିଆ ବୋଲି ଡାକନ୍ତି। ଏହାର ମଧ୍ୟ ଏକ କାରଣ ରହିଛି। ମାର୍ଗ୍ରେରିଟ୍‌ର ପସନ୍ଦ ହେଉଛି କାମେଲିଆ ଫୁଲ। ସେ ଦୁଇ ପ୍ରକାର ରଙ୍ଗର କାମେଲିଆ ଫୁଲ ବ୍ୟବହାର କରେ। ଗୋଟିଏ ଧଳା ଏବଂ ଅନ୍ୟଟି ନାଲି । କାମେଲିଆ ଫୁଲ ହେଉଛି ମାର୍ଗ୍ରେରିଟ୍ ତରଫରୁ ତା'ର ପ୍ରେମିକମାନଙ୍କୁ ବାର୍ତ୍ତାର ପ୍ରତୀକ। ସେ ଯେତେବେଳେ ଧଳା କାମେଲିଆ ମୁଣ୍ଡରେ ଖୋସିଥାଏ ସେତେବେଳେ ସେ ତା'ର ପ୍ରେମିକମାନଙ୍କୁ ଏହି ବାର୍ତ୍ତା ଦେଇଥାଏ ଯେ, ସେ ଏବେ ପ୍ରେମ କରିବା ପାଇଁ ପ୍ରସ୍ତୁତ ଅଛି। ଯେଉଁମାନେ ତାକୁ ପ୍ରେମ କରିବା ପାଇଁ ତତ୍ପର ସେମାନେ ଏବେ ତା' ପାଖକୁ ଆସିପାରନ୍ତି। ମାର୍ଗ୍ରେରିଟ୍ ଯେତେବେଳେ ନାଲି କାମେଲିଆ ଖୋସିଥାଏ ସେତେବେଳେ ତା'ର ପ୍ରେମିକମାନେ ତାକୁ ଦେଖି ଜାଣିଯାଆନ୍ତି ଯେ, କାମେଲିଆ ଏବେ ପ୍ରେମ କରିବା ପାଇଁ ପ୍ରସ୍ତୁତ ନୁହେଁ। ଏବେ ସେ ମାସିକ ଋତୁକାଳୀନ ପର୍ଯ୍ୟାୟ ଦେଇ ଗତି କରୁଛି। ମାର୍ଗ୍ରେରିଟ୍ ତା'ର ସୌନ୍ଦର୍ଯ୍ୟ ପାଇଁ ଯେତେ ପରିଚିତ ନୁହେଁ; ସେତେ ବେଶି ପରିଚିତ ହେଉଛି କାମେଲିଆ ଫୁଲ ପାଇଁ। ତା'ର ପ୍ରେମିକମାନେ ତାକୁ ମାର୍ଗ୍ରେରିଟ୍ ଭାବରେ କମ୍ ଜାଣନ୍ତି ବେଶି ଜାଣନ୍ତି 'ଲେଡି କାମେଲିଆ' ଭାବରେ। ଏଭଳି ଏକ ସୁନ୍ଦରୀ ତଥା ମୁକ୍ତ ମାନସିକତାର ଝିଅର ପ୍ରେମରେ ପଡ଼େ ଜଣେ ଯୁବ ବୁର୍ଜୁଆ ଅର୍ମାଣ୍ଡ ଡୁଭାଲ। ସେ କାମେଲିଆର ଦେହକୁ ନୁହେଁ; ଆତ୍ମାର ପ୍ରେମରେ ପଡ଼େ। ଆଉ କେବଳ ସେ ହିଁ ତାକୁ 'ଲେଡି କାମେଲିଆ' ବୋଲି ସମ୍ବୋଧନ କରେ। ତେବେ ଗପରେ ଟୁଇଷ୍ଟ ଆସେ ସେତେବେଳେ 'ଲେଡି କାମେଲିଆ' ଓରଫ୍ ମାର୍ଗ୍ରେରିଟ୍ ଅର୍ମାଣ୍ଡ ଆଡ଼କୁ ଢଳେ। ମାତ୍ର ସେତେବେଳକୁ ସେ ରୋଗଗ୍ରସ୍ତ ହୋଇପଡ଼ିଥାଏ। କାହାଣୀଟି ଶେଷ ଆଡ଼କୁ ବିୟୋଗାନ୍ତକ ଭାବରେ ଶେଷ ହୁଏ।

ଏହା ଥିଲା ବିଶ୍ୱର ଏକ ପ୍ରସିଦ୍ଧ ଉପନ୍ୟାସର କାହାଣୀ। ଉପନ୍ୟାସର ନାମ ହେଉଛି 'ଦି ଲେଡି କାମେଲିଆ'। ଏହାର ଲେଖକ ହେଉଛନ୍ତି ପ୍ରସିଦ୍ଧ ଫରାସୀ ଲେଖକ ଆଲେକ୍‌ଜାଣ୍ଡର ଦାମାସ୍। ମାତ୍ର ୨୩ବର୍ଷ ବୟସରେ ଆଲେକ୍‌ଜାଣ୍ଡର ଲେଖିଥିଲେ ଏହି ରୋମାଣ୍ଟିକ୍ ନଭେଲ। ଏହାର ରଚନାକାଳ ବିଂଶଶତାବ୍ଦୀର ମଧ୍ୟଭାଗ। ଆଲେକ୍‌ଜାଣ୍ଡର ଏକାଧାରରେ ଥିଲେ ଜଣେ ଔପନ୍ୟାସିକ ଏବଂ ନାଟ୍ୟକାର। ରୋମାଣ୍ଟିକ୍ ଉପନ୍ୟାସ 'ଦି ଲେଡି କାମେଲିଆ' ତାଙ୍କୁ ରାତାରାତ ପ୍ରସିଦ୍ଧ କରିଦେଇଥିଲା। ଏହାକୁ ନେଇ ଥିଏଟର ନାଟକ କରାଯିବା ସହ ଅନେକ କବି ଏହି ଉପନ୍ୟାସର ଥିମ୍‌କୁ ନେଇ ସଂଗୀତ ମଧ୍ୟ ସୃଷ୍ଟି କରିଥିଲେ।

**ପ୍ରାଥମିକ ଜୀବନ :** ଆଲେକ୍‌ଜାଣ୍ଡର ଦାମାସ୍ ତାଙ୍କ ବାପାମା'ଙ୍କ ଅବୈଧ ସନ୍ତାନ ଥିଲେ। ତାଙ୍କ ମା' ଥିଲେ ଜଣେ ଡ୍ରେସ୍‌ମେକର। ଅବିବାହିତ ଅବସ୍ଥାରେ ସେ ତାଙ୍କୁ ଜନ୍ମ ଦେଇଥିଲେ। ଜନ୍ମଦେବା ପରେ ମଧ୍ୟ ବାପା ତାଙ୍କ ମା'କୁ ବିବାହ କରି ନ ଥିଲେ। ଓଲଟି ଆଲେକ୍‌ଜାଣ୍ଡରଙ୍କୁ ତାଙ୍କ ମା'ଙ୍କ ଠାରୁ ଆଇନଗତ ଭାବରେ ଛଡ଼େଇ ଆଣିଥିଲେ। ଏହି ଘଟଣା ବାଳକ ଆଲେକ୍‌ଜାଣ୍ଡରଙ୍କ ମନରେ ନାହିଁ ନ ଥିବା ବିଦ୍ରୋହ ତଥା ଦୟନୀୟତା ସୃଷ୍ଟି କରିଥିଲା। ତାଙ୍କୁ ହରେଇ ତାଙ୍କ ମା' କିଭଳି ଭୟାନକ ବିଷାଦବୋଧରେ ପୀଡ଼ିତ ହୋଇଥିଲେ ସେ ନିଜ ଆଖିରେ ଦେଖିଥିଲେ। ବାପାଙ୍କର କାର୍ଯ୍ୟକଳାପ ତାଙ୍କୁ ଆଦୌ ଭଲ ଲାଗି ନ ଥିଲା କିମ୍ବା ଶେଷପର୍ଯ୍ୟନ୍ତ ସେ ତାଙ୍କ ବାପାଙ୍କୁ କ୍ଷମା ମଧ୍ୟ କରିପାରି ନ ଥିଲେ। ସେ ସବୁବେଳେ ନିଜକୁ ନିଜେ ପ୍ରଶ୍ନ କରୁଥିଲେ ଯଦି ମୁଁ ବାପାଙ୍କର ପସନ୍ଦ ତା'ହେଲେ ମତେ ଜନ୍ମ କରିଥିବା ମା' କାହିଁକି ବାପାଙ୍କର ପସନ୍ଦ ନୁହେଁ। ଏହି ପ୍ରଶ୍ନ ହିଁ ତାଙ୍କୁ ପରିପକ୍ୱ କରିଥିଲା। ଆଉ ସେ ଉପଲବ୍ଧି କରିଥିଲେ ଯେ, ପୁରୁଷକୈନ୍ଦ୍ରିକ ସମାଜରେ ନାରୀ କେବେ ବି ସୁରକ୍ଷିତ ନୁହେଁ।

**ପାଠପଢ଼ା:** ତାଙ୍କ ବାପା (ଆଲେକ୍‌ଜାଣ୍ଡର ସିନିୟର) ତାକୁ ବେଷ୍ଟ ଏଡୁକେଶନ ଦେବାକୁ ଚେଷ୍ଟା କରିଥିଲେ। ସେ ତାଙ୍କୁ ଖୁବ୍ ଭଲପାଉଥିଲେ। ତାଙ୍କ ଲାଗି ସମସ୍ତ ସୁଖ ସୁବିଧା ଯୋଗେଇଦେଇଥିଲେ। ସେ ପ୍ୟାରିସ୍‌ର ସବୁଠାରୁ ଭଲ ଗ୍ରାମାର ସ୍କୁଲରେ ପାଠ ପଢ଼ିଥିଲେ। ପିଲାଟି ବେଳେ ତାଙ୍କ ମା' ଓ ବାପାଙ୍କୁ ନେଇ ଘଟିଥିବା ଘଟଣା ତାଙ୍କୁ ଅତିମାତ୍ରାରେ ସମ୍ବେଦନଶୀଳ କରିଦେଇଥିଲା। ବସ୍ତୁତଃ ସେସବୁ ତାଙ୍କ ଭିତରକୁ ଶବ୍ଦ ହୋଇ ଆତ୍ମପ୍ରକାଶ କରୁଥିଲା। ସେ ପିଲାଟି ବେଳୁ ଲେଖାଲେଖି ଆରମ୍ଭ କରିଥିଲେ। ସେସବୁ ଲେଖାରେ ଥିଲା ମା'ଙ୍କ ପ୍ରତି ବାପାଙ୍କର ଅବିଚାର ଓ ବାପାଙ୍କ ଅବିଚାରରେ ଶିକାର ହୋଇଥିବା ମା'ର ଦୁଃଖ। ଆଲେକ୍‌ଜାଣ୍ଡର ଦାମାସ୍‌ଙ୍କର ଏକ ପ୍ରସିଦ୍ଧ ନାଟକ ରହିଛି 'ଦି ଇଲେଜିମେଣ୍ଟ ସନ୍' ଅର୍ଥାତ୍ ଅବୈଧ ପୁତ୍ର। ଏଥିରେ ସେ କହିଥିଲେ ଯେ, ଯଦି ଜଣେ ବ୍ୟକ୍ତି କୌଣସି ଅବୈଧ ପୁତ୍ରକୁ ଗ୍ରହଣ କରୁଛି ତା'ହେଲେ ତା'ର ପ୍ରଥମ କର୍ତ୍ତବ୍ୟ ସେ ପୁଅଟିକୁ ବୈଧ ମାନ୍ୟ ପ୍ରଦାନ କରିବ। ଆଉ ସେଥିପାଇଁ ସେ ସେହି ଅବୈଧ ସନ୍ତାନର ମା'କୁ ସ୍ତ୍ରୀ ରୂପେ ଗ୍ରହଣ କରିବା ଦରକାର। ବାସ୍ତବିକ ବାପା ଓ ମା'ଙ୍କୁ ନେଇ ଘଟିଥିବା ଘଟଣା ତାଙ୍କ ସ୍କୁଲ ଜୀବନକୁ ମଧ୍ୟ ପ୍ରଭାବିତ କରିଥିଲା। ସେ ବୋର୍ଡିଂ ସ୍କୁଲରେ ରହୁଥିଲେ। ଆଉ ତାଙ୍କର ସହପାଠୀମାନେ ତାଙ୍କୁ 'ଅବୈଧ' କହି ଚିଡ଼ାଉଥିଲେ।

**ଲେଡି କାମେଲିଆ ପଛର କାହାଣୀ :** ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଉପନ୍ୟାସ ଭାବରେ 'ଦି ଲେଡି କାମେଲିଆ'କୁ ବିବେଚନା କରାଯାଇଥାଏ। ତେବେ ଏହା ପଛରେ ଥିବା କାହାଣୀଟି ମଧ୍ୟ ବେଶ୍ ରୋଚକ। ଏହାକୁ କେହିକେହି ଆଲେକ୍‌ଜାଣ୍ଡର ଦାମାସ୍‌ଙ୍କ ସେମି–ଅଟୋବାୟୋଗ୍ରାଫି ବୋଲି କହିଥାନ୍ତି। ୧୮୪୪ରେ ଆଲେକ୍‌ଜାଣ୍ଡର ପ୍ୟାରିସ୍ ନିକଟସ୍ଥ ଏକ ସ୍ଥାନ ସେଣ୍ଟ–ଜର୍ମାନ୍‌କୁ ଯାତ୍ରାକଲେ। ସେଠାରେ ତାଙ୍କ ବାପା ରହୁଥିଲେ। ସେଠାରେ ଅବସ୍ଥାନ କରିବା ସମୟରେ ତାଙ୍କର ମେରୀ ଡପ୍ଲେସିସ୍ ନାମ୍ନୀ ଜଣେ ସୁନ୍ଦରୀ ଯୁବତୀଙ୍କ ସହ ସାକ୍ଷାତ ହୋଇଥିଲା। ଆଉ ଆଲେକ୍‌ଜାଣ୍ଡର ତାଙ୍କୁ ଭଲପାଇ ବସିଥିଲେ। ହେଲେ ମେରୀ ଡପ୍ଲେସିସ୍ ଥିଲେ ଜଣେ ଉଚ୍ଚବର୍ଗର ଦେହଜୀବୀ। ଏହା ଜାଣିବା ସତ୍ତ୍ୱେ ଆଲେକ୍‌ଜାଣ୍ଡର ଦାମାସଙ୍କ ପ୍ରେମରେ କୌଣସି ଶିଥିଳତା ପଡ଼ି ନ ଥିଲା। କ୍ରିଟିକ୍‌ମାନେ କହନ୍ତି, ଏହି ମେରୀ ହିଁ ହେଉଛନ୍ତି ପ୍ରସିଦ୍ଧ ଉପନ୍ୟାସ 'ଦି ଲେଡି କାମେଲିଆ' ପଛର ପ୍ରେରଣା। ଆଉ ମେରୀ ହିଁ ହେଉଛନ୍ତି ଉପନ୍ୟାସର ନାୟିକା ମାର୍ଗ୍ରେରିଟ୍ ଗାଓଟିଅର।

ଏହି ପ୍ରତିଭାବାନ୍ ନାଟ୍ୟକାର ତଥା ଔପନ୍ୟାସିକଙ୍କ ଜନ୍ମ ୧୮୨୪, ଜୁଲାଇ ୨୭ରେ ହୋଇଥିବା ବେଳେ ପରଲୋକ ଘଟିଥିଲା ୧୮୯୫ ନଭେମ୍ବର ୨୭ ତାରିଖରେ।


















# ଓମେନ୍ସ ଡେ'

– ଅନିଲ କୁମାର ବୋଇତି

ସୁବ୍ରତ ସକାଳୁ ସକାଳୁ ଡାକ ପକେଇଲେ ସୀମା ମୋ ଚା' କାହିଁ? ସୀମା ହଁ ନଉଛି ନଉଛି। ସୀମା ସୁବ୍ରତର ବ୍ୟବହାର ବିଷୟରେ ଭଲଭାବେ ଜାଣିଛନ୍ତି। ଚାରିବର୍ଷ ହେଲାଣି ବାହାଘରକୁ, ଜାଣିବେନି ବା କେମିତି। ସୀମା ଚା' ନେଇ ସୁବ୍ରତକୁ ଦେଲେ। ସୁବ୍ରତ ବରାଦ କରିଦେଲେ ଟିଫିନ କ'ଣ ନେବେ। ଚା' ପିଇଛନ୍ତି କି ନାହିଁ, ସଙ୍ଗେସଙ୍ଗେ ଚିଲେଇବାକୁ ଲାଗିଲେ ସୁବ୍ରତ। ସୀମା କେତେଥର କହିଛି ମୋ ଚା'ରେ ଚିନି କମ୍ ପକେଇବ ବୋଲି। ସୀମା ଥର ଥର ଓଠରେ କହିଲେ ବ୍ୟସ୍ତ ଭିତରେ ଭୁଲ୍‌ରେ ପଡିଯାଇଥିବ। ହେଲେ ସୁବ୍ରତ କ'ଣ ଶୁଣିବା ଲୋକ। ଝଗଡ଼ା କରୁ କରୁ ସୀମାଙ୍କ ଗାଲରେ ଲଗେଇଦେଲେ ଏକ ଶାକ୍ତଚାପୁଡ଼ା। ସୀମା ଆଉ ଏମିତି ଭୁଲ୍ ହବନି କହି ଆଖିର ଲୁହ ପୋଛି ଚାଲିଗଲେ ରୋଷେଇଘରକୁ। ହଠାତ୍ ସୁବ୍ରତଙ୍କ ଫୋନ୍ ରିଙ୍ଗ୍ ହେଲା। ହାଲୋ, ହଁ ରମେଶ କହ। ଆରେ ସୁବ୍ରତ! ଆଜି ଅଫିସ୍‌ରେ ଏମ୍‌ଡି ସାର୍ ଓମେନ୍ସ ଡେ' ଉପରେ ଗୋଟେ ପ୍ରୋଗ୍ରାମ ରଖିଛନ୍ତି। ଭାଉଜଙ୍କୁ ସାଙ୍ଗରେ ନେଇ ଆସିବୁ। ଏମ୍‌ଡି ସାର୍ ପ୍ରୋଗ୍ରାମରେ ସମସ୍ତ ଷ୍ଟାଫ୍‌ଙ୍କ ୱାଇଫ୍‌ଙ୍କୁ ସମ୍ମାନିତ କରିବେ। ହଉ ମୁଁ ରହୁଛି। ଆଉ ଶୁଣ, ଠିକ୍ ୧୦ଟାରେ ପହଞ୍ଚିବାକୁ କହିଛନ୍ତି । ସୁବ୍ରତ ହଉ ଠିକ୍ ଅଛି କହି ଫୋନ୍ ରଖିଦେଲା। ସୀମା ସୀମା ଡାକ ପକେଇଲେ। ସୀମା– ହଁ କୁହ। ଶୁଣ, ଆଜି ଅଫିସରେ ଓମେନ୍ସ ଡେ' ଉପରେ ପ୍ରୋଗ୍ରାମ ଅଛି। କ'ଣ ନାରୀଙ୍କୁ ସମ୍ମାନିତ କରାଯିବ। ତମେ ମୋ ସହିତ ଅଫିସ୍ ଯିବ। ସୀମା ମନେମନେ କହିଲା, ସମ୍ମାନିତ ତ ଟିକେ ଆଗରୁ ମୋ ଗାଲରେ ଚାପୁଡା ମାରି କରିସାରିଛ। ଆଉ ଏ ଲୋକଦେଖାଣିଆ ସମ୍ମାନରୁ କ'ଣ ମିଳିବ। ସୀମା ଟିକେ ହସିଦେଇ ହଁ କହି ବାହାରିବାକୁ ଗଲା। ପଛଆଡୁ ସୁବ୍ରତ ଡାକିଲେ, ସୀମା ଶୁଣ। ହଁ କୁହ। ସକାଳେ ମାରିଥିବା ଚାପୁଡାର ଦାଗ ସ୍ପଷ୍ଟ ଦେଖାଯାଉଛି ତୁମ ଗାଲରେ। ଭଲରେ ଟିକେ ମେକ୍‌ଅପ ନେଇନବ। ସୁବ୍ରତର କଥା ଶୁଣି ବଲବଲ କରି ଚାହିଁ ରହିଥାଏ ସୀମା।

–ଛେଣ୍ଡ୍ କଲୋନୀ,
ରାଉରକେଲା



# ମୁଠାଏ ଅବିର

–ଡା. ସରୋଜିନୀ ଷଡ଼ଙ୍ଗୀ

ଆଜି ଧରଣୀର ଏ କି
ଚମତ୍କାର ବେଶ
ଚାରିଆଡ଼େ ଫାଲ୍‌ଗୁନର ମଧୁ ସ୍ପର୍ଶ
ମଳୟର ମଧୁର ମହକ
ଆକାଶେ ଫଗୁର ରଙ୍ଗ
ସମୁଦ୍ରରେ ମୁଠା ମୁଠା ଫଗୁର ଜୁଆର
ବସନ୍ତର ଏ ସୁନ୍ଦର
ମଧୁମୟ ଋତୁଟିରେ
କେହି କ'ଣ ଚୁପ୍‌ଚାପ୍
ବସି ରହିପାରେ
ଆସ ଆସ ଆଜି ଆସ
ଅପୂର୍ବ ଏ ଚଇତାଳି
ପବନରେ ଭିଜି ଭିଜି
ଅଳ୍ପ ଏଇ ଜୀବନରେ
ଗଳ୍ପଟିଏ ଲେଖିଯିବା
କବିତାର ଶବ୍ଦରେ ଶବ୍ଦରେ ଆମେ
ଭରିଦେବା ରଙ୍ଗସବୁ
ଗୋଲାପି ଗୋଲାପି
ଆସ ଆମେ ମୁଠାଏ ଅବିର ନେଇ
ଖେଳିଯିବା ଜୀବନର
ସବୁଠାରୁ ଶ୍ରେଷ୍ଠତମ ହୋଲି।

–ଲିଙ୍କରୋଡ୍, କଟକ–୧୨

# ହୋଲି

–ସୁଧାଂଶୁ ଶେଖର ଦ୍ବିବେଦୀ

ଫଗୁଣର ପବନରେ ହସର କାନନ
ରଙ୍ଗର ଧରାରେ ଫୁଲର ଯୌବନ
ମୃଦଙ୍ଗ ତାଳରେ ଜୀବନ କଳରବ
ପ୍ରକୃତିର ବିଳାସରେ ବାସନ୍ତୀ ଉତ୍ସବ
ଋତୁର ଉଲ୍ଲାସରେ ପ୍ରେମର ପ୍ରକାଶ
ଦ୍ୱେଷର ବିନାଶରେ ଐକ୍ୟର ବିକାଶ
ସମତା ମମତା ସ୍ନେହର ପରିବେଶ
ରଙ୍ଗ–ଅବିରର ଏ ତ ମୂଳ ସନ୍ଦେଶ।

–ବିସି–୭୪,ସେକ୍ଟର–୧,
ସଲ୍ଟଲେକ, କଲିକତା–୬୪




ଆମୀର

## ଚର୍ଚ୍ଚାରେ ସର୍ଦ୍ଦାର ଗେଟ୍ଅପ୍

ଆମୀର ଖାଁ ପ୍ରାୟ ଅନେକ ସମୟରେ ଚର୍ଚ୍ଚାର ପରିସରରେ ରହିଥାଆନ୍ତି। ଏଥିପାଇଁ ବେଶ୍ ଖୋରାକ ଯୋଗାଇଥାଏ ତାଙ୍କର ବଳିଷ୍ଠ ଅଭିନୟ। ଏବେ ସେ 'ଲାଲ୍ ସିଂ ଚଡ୍ଢା' ନାମକ ସିନେମାରେ ଅଭିନୟ କରୁଛନ୍ତି। ଏଥିରେ ତାଙ୍କୁ ସର୍ଦ୍ଦାର ଗେଟ୍ଅପ୍‌ରେ ଦେଖିବାକୁ ମିଳିବ। ଏହି ଫିଲ୍ମର ପ୍ରଥମ ପୋଷ୍ଟର ରିଲିଜ ହେବା ପରେ ଏହା ଭାଇରାଲ ହେବାରେ ଲାଗିଛି। ବିଶେଷଭାବରେ ଆମୀରଙ୍କ ସର୍ଦ୍ଦାର ଗେଅ୍ଅପ୍‌କୁ ବେଶ୍ ପ୍ରଶଂସା କରାଯାଇଛି। ହଲିଉଡ୍ ଫିଲ୍ମ 'ଫରେଷ୍ଟ ଗମ୍ପ୍'ର ଏହା ହେଉଛି ହିନ୍ଦୀ ରିମେକ୍। ଏଭଳି ଭୂମିକା ସମ୍ପର୍କରେ ଆମୀର କହନ୍ତି, "ମୋର ୩୨ବର୍ଷର ବଲିଉଡ୍ କ୍ୟାରିୟର ଭିତରେ ଏପରି ଏକ ଭୂମିକା ତୁଲାଇବା ଏତେ ସହଜ ନ ଥିଲା। କାହାଣୀରେ ନୂତନତ୍ୱ ରହିଛି। ଏଥିରେ ମୋତେ ଆର୍ମି ପୋଷାକରେ ଦର୍ଶକ ଦେଖିବାକୁ ପାଇବେ। ମୋଟ ଉପରେ କହିବାକୁ ଗଲେ, ସବୁ ଦୃଷ୍ଟିକୋଣରୁ ଫିଲ୍ମଟି ଭଲ ହୋଇଛି ବୋଲି ମୋର ମତ। ବାକି ଦର୍ଶକଙ୍କ ଉପରେ ନିର୍ଭର କରେ।" 'ଲାଲ୍ ସିଂ ଚଡ୍ଢା'ରେ ଆମୀରଙ୍କ ବ୍ୟତୀତ କରୀନା କପୁର, ତାମିଲ ଷ୍ଟାର ବିଜୟ ସେଥୁପତି ଏବଂ ମୋନା ସିଂ ଅଭିନୟ କରିଛନ୍ତି। ଫିଲ୍ମର କାହାଣୀ ରଚନା କରିଛନ୍ତି ଅତୁଲ କୁଲକର୍ନି। ଏହି ଚିତ୍ରଟି ଚଳିତବର୍ଷ ଖ୍ରୀଷ୍ଟମାସ୍‌ରେ ରିଲିଜ ହେବ। ତେବେ ଆମୀରଙ୍କ ଏହି ଭୂମିକା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

## ଅଧା ରହିଗଲା ଆଶା

ବେଳେବେଳେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହେବାକୁ ପରିସ୍ଥିତି ବାଧ୍ୟକରେ। ପାଠ ପଢ଼ିଲା ବେଳେ ତାଙ୍କର ଇଚ୍ଛା ଥିଲା ଓକିଲାତି କରିବେ। ତେଣୁ ଆଇନରେ ସ୍ନାତକ ଡିଗ୍ରୀ କରିବାକୁ ଆଡ୍‌ମିଶନ ନେଇଥିଲେ। ହେଲେ ଠିକ୍ ଅଧାବାଟରେ ତାଙ୍କୁ ଅଭିନୟ ନିଶା ଘାରିଲା। ବାସ୍, ତା'ପରେ ସେ ଆକ୍ଟିଂ ମାୟାରେ ବାନ୍ଧି ହୋଇଗଲେ। ଯା' ଭିତରେ ସେ ବେଶ୍ କେତୋଟି ହିନ୍ଦୀ ସିନେମାରେ ନାୟିକା ସାଜି ସାରିଲେଣି। ସେ ହେଲେ ଯାମି ଗୌତମ। ଛୋଟ ପରଦାରୁ ତାଙ୍କ ଅଭିନୟ ଜୀବନ ଆରମ୍ଭ ହୋଇଥିଲା। କେବଳ ହିନ୍ଦୀ ନୁହେଁ, ତେଲୁଗୁ, ତାମିଲ, ପଞ୍ଜାବୀ, କନ୍ନଡ ଏବଂ ମାଲୟାଲମ ଭାଷାରେ ନିର୍ମିତ ଫିଲ୍ମରେ ସେ ଅଭିନୟ କରିସାରିଛନ୍ତି। ରାଜ୍‌ମା ଚାଓ୍ୱଲ ହେଉଛି ତାଙ୍କର ମନ ପସନ୍ଦର ଖାଦ୍ୟ। ଜିମ୍ ଅପେକ୍ଷା ସେ ଅଧିକାଂଶ ସମୟରେ ଓପନ ଏୟାରରେ ଏକ୍ସରସାଇଜ କରିଥାଆନ୍ତି। ଯାମି କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ଜଣେ ଭଲ ପୋଲୋ ଡ୍ୟାନ୍ସର ବି।


ଯାମି

## ଦିଲ୍ ମୋର ମାନେନା

ଦିଲ୍ ବା ହୃଦୟ ବଡ଼ ଅମାନିଆ। ଏହା କେତେବେଳେ କାହା ହୃଦୟରେ ବସାବାନ୍ଧେ ତାହା ଆକଳନ କରିବା କଷ୍ଟକର। ସେମିତି ଏକ ଜର୍ନି ସମୟରେ ଜଣେ ଯୁବକ ଜଣେ ସୁନ୍ଦରୀ ପ୍ରେମରେ ପଡ଼ିଯାଇଛି। ହେଲେ ପ୍ରେମର ଉତ୍‌ଥାନ ପତନ ରାସ୍ତାକୁ ସେ କେମିତି ଅତିକ୍ରମ କରୁଛି ଆଉ ନିଜ ଲକ୍ଷ୍ୟ ହାସଲ କରିପାରୁଛି କି ନାହିଁ ତାହାକୁ ନେଇ କାହାଣୀ ଗତିଶୀଳ। ଏପରି ଏକ ଭିନ୍ନ ଧରଣର ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଦିଲ୍ ମୋର ମାନେନା'। ମା' ତାରିଣୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ବାପୁନ୍ କୁମାର ଏବଂ ଆର୍ଆର୍ସି ଫିଲ୍ମସ ଏଲଏଲପି ବ୍ୟାନରରେ ଛବିତା ମାର୍ଥାଙ୍କ ଦ୍ୱାରା ମିଳିତ ପ୍ରଯୋଜନାରେ ଏହାର ଶୁଟିଂ ନିକଟରେ ଶେଷ ହୋଇଛି। ଏହାର ମେଲ୍ ଲିଡ୍‌ରେ ସ୍ୱରାଜ ଅଭିନୟ କରିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ବୁଲ୍‌ବୁଲି ଶିବାନୀ। ଖାସ୍ କଥା ହେଲା 'କଥା ଦେଲି ମଥା ଛୁଇଁ', 'ଯୋଗୀ' ଏବଂ ଚର୍ଚ୍ଚିତ ଫିଲ୍ମ 'ପାଟଣାଗଡ଼'ର ପ୍ରଯୋଜକ ଶ୍ରୀଧର ମାର୍ଥା ଏଥିରେ ମୁଖ୍ୟ ଖଳନାୟକ ଭାବରେ ଦେଖାଦେବେ। "ଏପରି ଏକ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜିଂ ଏବଂ ଦର୍ଶକ ଏହି ଫିଲ୍ମରୁ ଡିଫରେଣ୍ଟ ଚାର୍ମ ପାଇବେ" ବୋଲି କହନ୍ତି ଶ୍ରୀଧର। ଚିତ୍ରରେ ସଂଯୋଜିତ ସାତଟି ଗୀତକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ ଏବଂ କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲୁବୁନ୍-ଟୁବୁନ୍, ଜିତୁ ରାଉତ, ଅମିତ ନାୟକ ଏବଂ ମାଷ୍ଟର ମୂରଲୀ। ବଡ ପରଦାରେ ସ୍ୱରାଜ-ଶିବାନୀ ଯୋଡି ପ୍ରଥମ ଥର ପାଇଁ ଦେଖାଦେବେ। ଏହି ଯୋଡି ଏବଂ ଶ୍ରୀଧର ମାର୍ଥାଙ୍କ ବ୍ୟତୀତ ମିହିର ଦାସ, ଉଷସୀ ମିଶ୍ର, ହରି, ସଲିଲ ମିତ୍ର, ଗୁଞ୍ଜୁ, ଅମରଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ହିମାଂଶୁ (ଚଣ୍ଡୀ) ପରିଜାଙ୍କ ନିର୍ଦ୍ଦେଶନାରେ ଫିଲ୍ମଟି ଆସନ୍ତା ମାସରେ ରିଲିଜ ହେବା ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ଶିବାନୀ-ସ୍ୱରାଜ

## ସେହି ଦୁଇ ଘଣ୍ଟା

ଆଲିୟା ଭଟ୍ଟ ସେହି ଦୁଇଘଣ୍ଟାକୁ କେବେ ଭୁଲିପାରିବେ ନାହିଁ। କାରଣ ସେହି ସମୟରେ ଏପରି କିଛି ଘଟଣା ଘଟିଥିଲା, ଯାହାକୁ ସାରା ଜୀବନ ମନେରଖିବେ ବୋଲି କହି ବୁଲୁଛନ୍ତି ସେ। କଥା କ'ଣ କି, ରଣବୀର କପୁର, ଆଲିୟା ଭଟ୍ଟ, ଅମିତାଭ ବଚ୍ଚନ ଅଭିନୀତ 'ବ୍ରହ୍ମାସ୍ତ୍ର'ର ଶୁଟିଂ ଏବେ ଚାଲୁ ରହିଛି। ନିର୍ଦ୍ଦିଷ୍ଟ ଦିନ ଶୁଟିଂ ସେଟ୍‌ରେ ଅମିତାଭ ପହଞ୍ଚିଲା ପରେ ସେଠାରେ ଉପସ୍ଥିତ କଳାକାର ଏବଂ ୟୁନିଟ୍ ସଦସ୍ୟ ଖୁସିରେ ଉଛୁଳି ଉଠିଥିଲେ। ଶୁଟିଂରୁ ବ୍ରେକ୍ ମିଳିବା ମାତ୍ରେ ଆଲିୟା ପହଞ୍ଚିଯାଇଥିଲେ ଅମିତାଭଙ୍କ ପାଖରେ। ସେପଟେ ଅମିତାଭଙ୍କ ମୁହଁରେ ନିଜର ପ୍ରଶଂସା ଶୁଣି ଆଲିୟାଙ୍କ ଖୁସି ଦ୍ୱିଗୁଣିତ ହୋଇଯାଇଥିଲା। "ଅମିତ୍‌ଜୀଙ୍କ କେଇ ପଦ କଥା ମୋ କ୍ୟାରିୟର ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ତାଙ୍କ ସହ ଯେତିକି ସମୟ କଥା ହେଲି ତାହାକୁ ମୁଁ କଦାପି ଭୁଲିପାରିବି ନାହିଁ" ବୋଲି କହିଛନ୍ତି ଆଲିୟା। କରନ ଜୋହରଙ୍କ ପ୍ରଯୋଜିତ 'ବ୍ରହ୍ମାସ୍ତ୍ର' ଚଳିତ ବର୍ଷ ଡିସେମ୍ବର ୪ରେ ରିଲିଜ ହେବ।


କିଆରା


ଜାହ୍ନବୀ

## ଡେଟ୍ ପାଇଁ ସମସ୍ୟା

ଜାହ୍ନବୀ କପୁରଙ୍କ ପାଖରେ ଏବେ ସମୟ ନାହିଁ। ଯେଉଁ କେତୋଟି ସିନେମା ସାଇନ କରିଛନ୍ତି ତାହାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ହାତରେ ଡେଟ୍ ନ ଥିବାରୁ ସେ ଅଡୁଆରେ ପଡ଼ିଯାଇଛନ୍ତି। ସେଥିପାଇଁ ଭଲ ଭଲ କେତୋଟି ଅଫର ତାଙ୍କୁ ହାତଛଡ଼ା କରିବାକୁ ପଡ଼ିଛି। ବର୍ତ୍ତମାନ ସେ 'ଗୁଞ୍ଜନ ସାକସେନା-ଦ କାର୍ଗିଲ ଗର୍ଲ', 'ରୁହି ଅଫଜା', 'ଦୋସ୍ତାନା-୨' ଏବଂ 'ମିଷ୍ଟର ଲେଲେ'ରେ ଅଭିନୟ କରୁଛନ୍ତି। ଡେଟ୍ ସମସ୍ୟା ନେଇ ଜାହ୍ନବୀ କହନ୍ତି, "ଯେହେତୁ ଏବେ ବଲିଉଡ୍‌ରେ ମୋ କ୍ୟାରିୟର ଆରମ୍ଭ ହେଉଛି ତେଣୁ ଫିଲ୍ମ ସାଇନ୍ ସମୟରେ ଆଦୌ ତରବର ହେବାକୁ ଚାହୁଁନି। ଏବେ ମୁଁ ଏତେ ବ୍ୟସ୍ତ ଯେ ଆଗାମୀ ଫିଲ୍ମ ପାଇଁ ଡେଟ୍ ଫିକ୍ସ ନେଇ ଅଡୁଆରେ ପଡ଼ିଛି। ସେଥିପାଇଁ ୨-୩ଟି ଭଲ ଅଫର ହାତଛଡ଼ା କରିଛି। ଅବଶ୍ୟ ଏଥିପାଇଁ ମନଦୁଃଖ ହେଉଛି, ହେଲେ ସେହି ଫିଲ୍ମରେ ଅଭିନୟ କରିବାକୁ ମନା କରିବା ବ୍ୟତୀତ ମୋ ନିକଟରେ ଆଉ କିଛି ଉପାୟ ନ ଥିଲା।" ତେବେ ଉପରୋକ୍ତ ଚାରୋଟି ଫିଲ୍ମରେ ତାଙ୍କର ଅଭିନୟ କେତେ ହୃଦୟସ୍ପର୍ଶୀ ହୋଇଛି ତାହା ସେଗୁଡ଼ିକ ରିଲିଜ ହେଲେ ହିଁ ଜଣାପଡ଼ିବ।

## ଦିନ ଗଣୁଛନ୍ତି କିଆରା

କିଆରା ଆଡଭାନୀ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ଫିଲ୍ମଟିର ଶୁଟିଂ ନିକଟରେ ଶେଷ ହୋଇଛି। ପୋଷ୍ଟ ପ୍ରଡକ୍ସନ, ସେନ୍‌ସର ପରେ ଚିତ୍ରଟି ପରଦା ଉପରକୁ ଆସିବ। ହେଲେ ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କିଆରା। ଫିଲ୍ମଟି ହେଲା 'ଲକ୍ଷ୍ମୀ ବମ୍'। ଚିତ୍ରଟି ଚଳିତବର୍ଷ ମେ' ୨୨ରେ ପରଦା ପରକୁ ଆସିବ। ଶବିନା ଖାଁଙ୍କ ଦ୍ୱାରା ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅକ୍ଷୟ କୁମାର। ୨୦୧୧ରେ ନିର୍ମିତ ଏବଂ ହିଟ୍ ସାବ୍ୟସ୍ତ ହୋଇଥିବା ତାମିଲ ଫିଲ୍ମ 'କାଞ୍ଚନ'ର ଏହା ହିନ୍ଦୀ ରିମେକ୍। ତାମିଲ ଫିଲ୍ମଟିର ନିର୍ଦ୍ଦେଶକ ରାଘବ ଲରେନ୍ସ ଏହାର ମଧ୍ୟ ନିର୍ଦ୍ଦେଶନା ଦେଉଛନ୍ତି। ଏ ସମ୍ପର୍କରେ କିଆରା କହନ୍ତି, "ଏହି ଫିଲ୍ମରେ ମୋ ଭୂମିକାକୁ ନେଇ ବେଶ୍ ଆଶା ରହିଛି। ଅକ୍ଷୟଙ୍କ ପରି ମହାନ୍ କଳାକାରଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ତେବେ ଫିଲ୍ମଟି ରିଲିଜ ହେଲେ ହିଁ ତାହା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ଜଣାପଡ଼ିବ।"

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ ନିଜ ଖର୍ଚ୍ଚ ତୁଲାଉଥିଲି

ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ସାଂସ୍କୃତିକ କାର୍ଯ୍ୟକର୍ତ୍ତା ରୋମା ଦାସ ମହାପାତ୍ର ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ଶ୍ରୀକ୍ଷେତ୍ର ପୁରୀରେ ମୋର ଜନ୍ମ। ଏଠାରୁ ପ୍ରାଥମିକ ଶିକ୍ଷା ସମାପ୍ତ କରି ଜାମ୍‌ସେଦ୍‌ପୁରରେ ଯାଇ ପଢ଼ିଥିଲି। ପାଠପଢ଼ା ମୋର ଏଯାଏଁ ବି ସରିନି। ବର୍ତ୍ତମାନ ମୋର ଲ' ପ୍ରାକ୍ଟିସ୍ ଚାଲିଛି। ପାଠପଢ଼ା ସହିତ ମାତ୍ର ୪ବର୍ଷ ବୟସରୁ ମୁଁ ଓଡ଼ିଶୀ ନୃତ୍ୟ ଶିଖିବା ଆରମ୍ଭ କରିଥିଲି। ଆଉ ୯ମ ଶ୍ରେଣୀରେ ପଢ଼ିଲାବେଳଠୁ ଓଡ଼ିଶୀ ନୃତ୍ୟରେ ସ୍କଲାରଶିପ୍ ପାଇଚାଲିଲି। ସେହି ସ୍କଲାରଶିପ୍ ଟଙ୍କାରେ ହିଁ ମୁଁ ମୋ ପାଠପଢ଼ା ତଥା ଅନ୍ୟାନ୍ୟ ଖର୍ଚ୍ଚ ତୁଲାଉଥିଲି। ଗୁରୁ କେଳୁଚରଣ ମହାପାତ୍ର, ପଙ୍କଜ ଚରଣ ଦାସ, ଲିଙ୍ଗରାଜ ବେହେରା, କୁମ୍‌କୁମ୍ ମହାନ୍ତି, ଗଜେନ୍ଦ୍ର ପଣ୍ଡା ପ୍ରମୁଖ ହେଲେ ମୋର ଜଣେ ଜଣେ ଓଡ଼ିଶୀ ନୃତ୍ୟଗୁରୁ। ଓଡ଼ିଶୀ ନୃତ୍ୟରେ ମୁଁ ଡବଲ୍ ଏମ୍.ଏ. କରିଛି। କେବଳ ଓଡ଼ିଶୀ ନୁହେଁ, ଦେବଦାସୀ ନୃତ୍ୟ ବି ମୁଁ କରିପାରେ। ତା' ସହିତ ଓଡ଼ିଶୀ ସଙ୍ଗୀତରେ ବିଶାରଦ ମଧ୍ୟ ସାରିଛି। ଓଡ଼ିଶୀ ସଙ୍ଗୀତରେ ମୋର ଗୁରୁ ହେଲେ ରାଧାନାଥ ପଢ଼ିଆରୀ ଓ ରଘୁନାଥ ପୂଜାପଣ୍ଡା। ୟା' ଭିତରେ ପ୍ରାୟ ୧୬ଟି ଦେଶରେ ମୁଁ ଓଡ଼ିଶୀ ଓ ଦେବଦାସୀ ନୃତ୍ୟ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇସାରିଲିଣି। ତେବେ ଏଠାରେ କହି ରଖିବା ଉଚିତ ହେବ ଯେ, ମୁଁ କେବଳ ଦେବଦାସୀ ନୃତ୍ୟ କରେନାହିଁ, ତା' ସମ୍ବନ୍ଧରେ ଅନେକ ରିସର୍ଚ୍ଚ ମଧ୍ୟ କରିଛି ଆଉ ଏବେ ବି କରୁଛି। ସେହିପରି ଜଗନ୍ନାଥ ସଂସ୍କୃତି ସମ୍ବନ୍ଧରେ ମୁଁ କିଛି ଜ୍ଞାନ ବି ଆହରଣ କରିଛି। ଆଉ ଅନ୍ତର୍ଜାତୀୟସ୍ତରରେ ତା'ର ଉପଯୁକ୍ତ ପ୍ରଚାର ପ୍ରସାର ପାଇଁ ଅନେକ କାମ ମଧ୍ୟ କରୁଛି। ଏ ସବୁ ବ୍ୟତୀତ 'ଅଚ୍ୟୁତନ୍ତ ଟ୍ରଷ୍ଟ' ନାମକ ଏକ ସାମାଜିକ ଅନୁଷ୍ଠାନର ମୁଁ ହେଉଛି ଅଧ୍ୟକ୍ଷା। ନାରୀ ଓ ମାନବ ଅଧିକାର ପାଇଁ ତଥା ଦେଶରେ ଘଟୁଥିବା ଘଟଣା, ଅଘଟଣ ଉପରେ ନଜର ପକାଇ ତା'ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା ହେଉଛି ଏହି ଟ୍ରଷ୍ଟର ପ୍ରଥମ ତଥା ପ୍ରଧାନ ଲକ୍ଷ୍ୟ। ତା'ସହିତ ଆମ ଦେଶ କିପରି ନିଶାମୁକ୍ତ ହେବ, ସେଥିପାଇଁ ବି ଏହି ଟ୍ରଷ୍ଟ ଗତ ୮/୯ବର୍ଷ ହେଲାଣି କାମ କରିଆସୁଛି। ସେହିପରି ଏହି ଟ୍ରଷ୍ଟ ସହାୟତାରେ ଗଢ଼ି ଉଠିଥିବା 'ନୃତ୍ୟ ନଟରାଜ୍ ଏକାଡେମୀ' ବସ୍ତି ତଥା ଅନୁନ୍ନତ ଅଞ୍ଚଳରେ ଥିବା ଶିଶୁକନ୍ୟାଙ୍କର ଖାଦ୍ୟପେୟ, ଜୀବନଶୈଳୀ ତଥା ମାନସିକ ଅବସ୍ଥାକୁ ତର୍ଜମା କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଚେଷ୍ଟା କରିଥାଏ। ତା'ସହିତ ଏହି ଏକାଡେମୀ ଭାରତୀୟ ସଂସ୍କୃତି (ନୃତ୍ୟ, ସଙ୍ଗୀତ)ଉପରେ ଜ୍ଞାନ ଦେଇ ସେମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବି କାର୍ଯ୍ୟ କରିଥାଏ। ବର୍ତ୍ତମାନ ଉକ୍ତ ଏକାଡେମୀର ଗୋଟିଏ ଶାଖା ଓଡ଼ିଶା ଏବଂ ଆଉ ଗୋଟିଏ ଶାଖା ଦିଲ୍ଲୀ ଗୁରୁଗାଓଁରେ କାମ କରୁଛି। ଜୀବନରେ ମୁଁ କେବେ କାହା ଉପରେ ନିର୍ଭର କରିବା ଶିଖିନି କି କୌଣସି ବିପଦ ଆସିଲେ ଡରିଯାଇନି। ବରଂ ସବୁ ପରିସ୍ଥିତିକୁ ବେଶ୍ ଦୃଢ଼ତାର ସହ ସାମ୍ନା କରିଛି। ଅନ୍ୟପକ୍ଷେ ମୁଁ ମୋ କଳାକୁ ନେଇ କେବେ ବି ବ୍ୟବସାୟ କରିବାର ଆଶା ରଖିନି। କଳା ମୋ ପାଇଁ ଭଗବାନଙ୍କର ଏକ ଆଶୀର୍ବାଦ। ଏହା ମୋତେ ସମାଜରେ ଏକ ସ୍ୱତନ୍ତ୍ର ପରିଚିତି ଦେଇଛି। ଏଥିପାଇଁ ବହୁ ଅନୁଷ୍ଠାନ ତରଫରୁ ସମ୍ମାନିତ ଓ ପ୍ରଶଂସିତ ବି ହୋଇଛି। ତେଣୁ ଓଡ଼ିଶୀ ନୃତ୍ୟ ଆଉ ସଙ୍ଗୀତ ପ୍ରତି ମୋର ଯଥେଷ୍ଟ ସମ୍ମାନ ଓ ଆଦରଭାବ ରହିଛି। ଯଦି କୌଣସି ପରିସ୍ଥିତିରେ କେହି ଏହି କଳାକୁ ଅସମ୍ମାନ କରିବାର ମୁଁ ଦେଖେ ତା'ହେଲେ ତା'ର ଘୋର୍ ବିରୋଧ କରିଥାଏ। କହିବାକୁ ଗଲେ, ମୁଁ ଜଣେ ସାଂସ୍କୃତିକ କାର୍ଯ୍ୟକର୍ତ୍ତା (କଲଚରାଲ୍ ଆକ୍ଟିଭିଷ୍ଟ)। ଭାରତୀୟ ସଂସ୍କୃତିକୁ ଭଲ ପାଇବା ସହ ମୁଁ ସେହି ନାରୀଙ୍କୁ ବି ସମ୍ମାନ ଓ ସହଯୋଗ କରେ, ଯାହାଙ୍କ ପାଖେ ପୁରୁଷ ସମାଜକୁ ଟକ୍କର ଦେଇ କିଛି ଭିନ୍ନ କାମ କରିବାର ଦକ୍ଷତା ରହିଛି। **-ଅନ୍ୱିତା**

# ବେସୁରା ପ୍ରେମରେ ନ ଥାଏ ମଜା, ମନକୁ ମନ ଭାବଇ ରଜା

ସାଥୀ



**ପ୍ରଶ୍ନ**-ପ୍ରେମ ନିବେଦନ କରି କରି ଥକି ପଡ଼ିଲିଣି। ଭାବୁଛି ଏ ଜନ୍ମରେ ବୋଧହୁଏ ମନଲାଖି ପ୍ରେମିକାଟିଏ ପାଇବି ନାହିଁ।

-ତନ୍ମୟ ସାହୁ, ବାଲେଶ୍ୱର

**ଉତ୍ତର:** ଆଖିବୁଜି ପ୍ରେମ ରାସ୍ତାରେ ମାଡ଼ିଗଲେ କେବଳ ଝୁଣ୍ଟି ପଡ଼ିବା ସାର। ଏପରି ପ୍ରେମରେ କେବଳ ସାମୟିକ ମଜା ମିଳିଥାଏ। ହେଲେ ଯେତେବେଳେ ପ୍ରେମର ନିଶା ଖସିପଡ଼େ ସେପରି ଟେନସନରୁ ମୁକୁଳିବା ସହଜ ହୋଇ ନ ଥାଏ। 'ବେସୁରା ପ୍ରେମରେ ନ ଥାଏ ମଜା, ମନକୁ ମନ ଭାବଇ ରଜା।' ତେଣୁ ପ୍ରେମ କରିବା ପୂର୍ବରୁ ପ୍ରପର ଫର୍ମୁଲା ଆପ୍ଲାଏ କରନ୍ତୁ। ନ ହେଲେ ଏମିତି ଅନ୍ଧାରରେ ବାଡି ବୁଲାଉଥିବେ ଆଉ ଥରକୁ ଥର ପାଦ ପଛକୁ ପଡୁଥିବ।

**ପ୍ରଶ୍ନ**-ଆଜିକାଲି କେତେକ ଘର ସଂସାର କରିବା ପରେ ମଧ୍ୟ ପ୍ରେମ ମାୟାରେ ବାୟା ହେଉଛନ୍ତି। ସେମାନେ କାହିଁକି ଏପରି କରୁଛନ୍ତି ?

-ଦିବାକର, ସୁନାବେଡା, କୋରାପୁଟ

**ଉତ୍ତର:** ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ। ସେମାନେ ଜାଣିଶୁଣି ନିଜ ଗୋଡରେ କୁରାଢ଼ି ମାରୁଛନ୍ତି। ହେଲେ ବିବାହ ପରେ ପରକୀୟା ପ୍ରୀତି କେତେ ଡେଞ୍ଜର ସେମାନଙ୍କ ମଧ୍ୟରୁ କେତେକେ ଜାଣି ମଧ୍ୟ ତାହାକୁ ହାଲୁକା ଭାବରେ ନେଇଥାନ୍ତି। ହେଲେ ଯେତେବେଳେ ମୁଣ୍ଡରେ ବୁଦ୍ଧି ପଶେ ସେତେବେଳକୁ ନେଡିଗୁଡ଼ କହୁଣିକୁ ବୋହି ଯାଇଥାଏ। ତେଣୁ 'ଆଲୋ ସଖୀ ଆପଣା ମହତ ଆପେ ରଖ' ପରି ନିଜେ ସତର୍କ ନ ହେଲେ ଏମିତି ବେଳ ଆସିବ ଆପଣଙ୍କ ଆଖିରୁ ଲୁହ ପୋଛିବାକୁ ପାଖରେ କେହି ନ ଥିବେ।

**ପ୍ରଶ୍ନ**-ତାହାର ଚୋରା ଚାହାଣିରେ ମୁଁ ଘାଇଲା ହେଲି। ଯାହାକୁ ମନପ୍ରାଣ ଦେଇ ଭଲ ପାଉଥିଲି ତାକୁ ଧୋକା ଦେଇ ସେହି ସୁନ୍ଦରୀ ପ୍ରେମରେ ବାଇଆ ହେଲି। ହେଲେ ସେ ମୋତେ ଭଲ ପାଉଛି କି ଭଲ ପାଇବାର ଅଭିନୟ କରୁଛି ତାହା ଜାଣିପାରୁ ନାହିଁ।

-ପ୍ରଦୀପ ରାଉତ, ବରଗଡ

**ଉତ୍ତର:** ଏବେ ସେ ଆପଣଙ୍କୁ ଭଲ ପାଉଛି କି ନାହିଁ ଜାଣିଲେ ଆଉ କ'ଣ ହେବ ? ଏକଥା ବିଷୟରେ ଆରମ୍ଭରୁ ଚିନ୍ତା କରିବାର ଥିଲା। ଏବେ ତ ସବୁକିଛି ଛାଡି ସେହି ସୁନ୍ଦରୀ ପଛରେ ଗୋଡାଉଛନ୍ତି। ଯଦି ସେ ପ୍ରକୃତରେ ଆପଣଙ୍କୁ ଭଲ ପାଉଥିବ ତେବେ ତାହାର ହାବଭାବରୁ ଜଣାପଡିଯିବ। ଯଦି ପ୍ରେମର ପ୍ରହେଳିକା କରି ଆପଣଙ୍କୁ ସେହି ମାୟାରେ ବାନ୍ଧି ଦେଇଥିବ ତେବେ ତାହାର ପରିଣାମ ଭୋଗିବାକୁ ଆପଣ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଯିବା ଭଲ।

**ପ୍ରଶ୍ନ**-ସୁନ୍ଦରୀ ହସରେ କୁଆଡେ ବିଷ ଭରି ରହିଛି। ତେଣୁ ସୁନ୍ଦରୀ ଝିଅକୁ ପ୍ରପୋଜ କରିବାକୁ ଡର ଲାଗୁଛି। କ'ଣ କରିବି ?

-ଅନ୍ୱେଷ କୁମାର, କଟକ

**ଉତ୍ତର:** ସୁନ୍ଦରୀର ସେହି ହସକୁ ଖୋଲା ହୃଦୟରେ ଭଲ ଭାବରେ ପଢ଼ନ୍ତୁ। ଝିଅ ସୁନ୍ଦରୀ ହେଉ କି ଅସୁନ୍ଦରୀ ତାହାର ହସରେ ପ୍ରେମର ପହିଲି ପୁଲକ ଲୁଚି ରହିଥାଏ। ତେବେ ତାହାକୁ ମଗଜ ଖଟାଇ ପଢ଼ିପାରିଲେ ହେଲା। ପ୍ରେମ କରିବା ପୂର୍ବରୁ ଯଦି ମନରେ ବିଭିନ୍ନ ପ୍ରକାର ନକାରାତ୍ମକ ଚିନ୍ତା ଉଙ୍କିମାରେ ତେବେ ଆପଣ ଏ କ୍ଷେତ୍ରରେ ଆଗେଇବା କଥା ଭୁଲିଯିବା ହିଁ ଉଚିତ। ମନରେ ସାହସ ଆଣନ୍ତୁ। ବେଳକାଳ ଦେଖି ଏମିତି ପ୍ରପୋଜ କରନ୍ତୁ ଯେ ଯେମିତି ସୁନ୍ଦରୀର ମନକୁ ଏକାଥରେ ଆପଣ ଚୋରି କରିନେବେ।



କମାରଶାଳରେ ସୁନୀତା

# କମାରଶାଳର ରାଣୀ

**ଯେଉଁଠି କମାରଶାଳରେ କାମ କରିବା ପରି ଏକ କଷ୍ଟ କାମ ପ୍ରତି ପୁଅମାନେ ବୀତସ୍ପୃହ ହେଲେଣି। ସେଠାରେ ଝିଅଟିଏ ହୋଇବି ସୁନୀତା ବାପାଙ୍କ କୌଳିକ ବୃତ୍ତିକୁ ଆପଣେଇ ପରିବାର ଚଳାଇବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି...**

ଆଜିକାଲି ଗାଁଗଣ୍ଡାରେ ଜଳୁନାହିଁ ଆଉ କମାରମାନଙ୍କ ଶାଳର ନିଆଁ କି ଶୁଭୁନାହିଁ ଲୁହା ସାମଗ୍ରୀ ତିଆରି ଆଉ ପଜିଆ ଯିବାର ଠକ୍ ଠକ୍ ଶବ୍ଦ । ଆଜିର କମାର ଘରର ପିଲାମାନେ ଆଉ ନିଆଁ ଓ ଲୁହା ସହ ଯୁଝୁନାହାନ୍ତି । ହଜିଗଲାଣି କମାରଶାଳର କୌଳିକ ବୃତ୍ତି । ହେଲେ ସେହି କୌଳିକ ବୃତ୍ତିକୁ ଆପଣେଇ ନେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ନିମାପଡ଼ାର ଝିଅ ସୁନୀତା ଓଝା। ବୟସ ୨୭। ନିମାପଡ଼ା ବ୍ଲକ ଅନ୍ତର୍ଗତ ଭିଲି ଗ୍ରାମପଞ୍ଚାୟତର ବିଷ୍ଣୁପୁର ଗାଁରେ ଘର। ବାପା ଶ୍ରୀଧର ଓଝା, ମାଆ ବିଳାସିନୀ ମହାରଣାଙ୍କ ସାନଝିଅ ସୁନୀତା ନିଜ ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖିଥିଲେ। ହେଲେ ତାଙ୍କର ସବୁ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଛି । ନିଜ ଘରେ କେହି ପୁତ୍ର ସନ୍ତାନ ନ ଥିବାରୁ ତାଙ୍କ କୋମଳ କାନ୍ଧରେ ଏବେ ପରିବାରର ବୋଝ । ବାପା ଶ୍ରୀଧରଙ୍କ ବୟସ ଏବେ ୬୫ । ବାର୍ଦ୍ଧକ୍ୟଜନିତ କାରଣରୁ ଏବେ ସେ କମାରଶାଳ କାମ କରିପାରୁନାହାନ୍ତି । ଫଳରେ ପରିବାର ଚଳିବା ଏବେ କଷ୍ଟକର ହୋଇପଡ଼ିଛି। ଘରେ ବୃଦ୍ଧ ବାପା, ମାଆ ଓ ବଡ ଭଉଣୀର ଦୁଇ ଝିଅଙ୍କ ସହ ସୁନୀତା ଘରେ ୫ ପ୍ରାଣୀ କୁଟୁମ୍ବ । ବୃଦ୍ଧ ବାପାଙ୍କ ମୁଣ୍ଡରୁ ପରିବାରର ବୋଝକୁ ଓହ୍ଲାଇଦେଇ ନିଜେ ସୁନୀତା ବାପାଙ୍କ କୌଳିକ ବୃତ୍ତିକୁ ଆପଣେଇ ନେଇଛନ୍ତି। ନିଆଁ ଓ ଲୁହା ସହ ଦୈନିକ ଯୁଝି ଚାଲିଛନ୍ତି । ମୁଣ୍ଡ ଝାଳ ତୁଣ୍ଡରେ ମାରି କଠିନ ପରିଶ୍ରମ କରି ତାଙ୍କର କଅଁଳ କାନ୍ଧରେ ବୋହିଚାଲିଛନ୍ତି ପରିବାର ବୋଝ । କମାରଶାଳରେ ବିତୁଛି ସୁନୀତାଙ୍କ ଜୀବନ । ଦଶମ ଶ୍ରେଣୀଯାଏ ପଢ଼ିଥିବା ସୁନୀତା ପ୍ରାୟ ୭/୮ ବର୍ଷ ହେବ କମାରଶାଳରେ କାମ କରୁଛନ୍ତି। ଭୋର ୫ଟାରୁ ଉଠି ନିତ୍ୟକର୍ମ ସାରି ଜଳଖିଆ ତିଆରି କରନ୍ତି। ମା' ସ୍କୁଲକୁ ରୋଷେଇ ପାଇଁ ଯାଆନ୍ତି। ତା'ପରେ ଆରମ୍ଭ ହୁଏ କମାରଶାଳରେ କାମ। ଦିନ ୧୨ଟା ଯାଏ ଚାଲେ ଏହି କାମ। ତା'ପରେ ରୋଷେଇ ସହିତ ଟେଲରିଂ କାମ ବି କରନ୍ତି। ୭/୮ଟି ଛେଳି ମଧ୍ୟ ରଖିଛନ୍ତି। ତାଙ୍କ ଦାୟିତ୍ୱ ବି ନିଅନ୍ତି। କାହା କଥାକୁ ଖାତିର ନ କରି ପରିବାରର ଦୁଃଖ ଲାଘବ ପାଇଁ ଅଣ୍ଟା ଭିଡିଛନ୍ତି। ବୃଦ୍ଧ ପିତାମାତାଙ୍କୁ ଖୁସିରେ ରଖିବା, ଛୋଟ ଛୋଟ ଦୁଇ ଝିଆରୀଙ୍କୁ ପାଠ ପଢ଼ାଇ ମଣିଷ କରିବା ହିଁ ତାଙ୍କର ସ୍ୱପ୍ନ ଓ ଖୁସି ବୋଲି କୋହଭରା କଣ୍ଠରେ କହିଛନ୍ତି ସୁନୀତା ।



ପରିବାର ଗହଣରେ ସୁନୀତା

ନିମାପଡ଼ା ଗୋଲେଇ ଛକଠାରେ ବାପାଙ୍କ କମାରଶାଳରେ କାମ କରନ୍ତି ସୁନୀତା। କତୁରି, ଦାଆ, କୋଦାଳ, କୁରାଢ଼ି, ପନିକି, କୋରଣା, ଶାବଳ ଆଦି ଶାଳରେ ତିଆରି କରି ବିକ୍ରି କରନ୍ତି ସୁନୀତା। ମାସିକ ୩/୪ ହଜାର ଟଙ୍କା ଏଥିରୁ ରୋଜଗାର ହୁଏ। ଏହି ସ୍ୱଳ୍ପ ରୋଜଗାରରେ ଦୁଃଖକଷ୍ଟେ ଚଳନ୍ତି ସୁନୀତାଙ୍କ ପରିବାର। ହେଲେ ସରକାରୀ ସହାୟତା ତାଙ୍କ ପରିବାର ପାଇଁ ସାତସପନ ପାଲଟିଥିବା ଅତି ଦୁଃଖରେ କହିଛନ୍ତି ସେ। ଅଦ୍ୟାବଧି ତାଙ୍କ ବୃଦ୍ଧ ପିତାମାତାଙ୍କୁ ବାର୍ଦ୍ଧକ୍ୟଭତ୍ତା ମଧ୍ୟ ମିଳିପାରିନାହିଁ। ବିଜୁ ପକ୍କାଘର କି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ବଖରାଏ ମିଳିପାରି ନ ଥିବା ଯୋଗୁ ଗାଁ ଛାଡ଼ି ଏବେ ଗୋଲେଇ ଛକଠାରେ ଭଡ଼ା ନେଇଥିବା ଶାଳଘରେ ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି। ପରିବାର ପାଇଁ ଜୀବନ ସହ ସଂଗ୍ରାମ କରିଚାଲିଛନ୍ତି ସେ। ଯଦି କୌଣସି ସରକାରୀ ସହାୟତା କି ପ୍ରୋତ୍ସାହନ ମିଳନ୍ତା, ତେବେ କମାରଶାଳକୁ ଆହୁରି ଟିକେ ଉନ୍ନତମାନର କରିବା ସହ ଟେଲରିଂ କାମକୁ ଆହୁରି ଆଗକୁ ବଢ଼ାଇପାରନ୍ତି ବୋଲି କହିଛନ୍ତି ସୁନୀତା। ସୁନୀତା ଆମ ପାଇଁ ଉଭୟ ପୁଅ ଓ ଝିଅ, ଆଉ ପରିବାରର ଭରସା ବୋଲି କୁହନ୍ତି ତାଙ୍କ ମାତାପିତା। ଗ୍ରାମବାସୀଙ୍କ ମତରେ ସୁନୀତା ପରି ସାହସୀ ଓ କର୍ମଠ ଝିଅ ଅନ୍ୟମାନଙ୍କ ପାଇଁ ଉଦାହରଣ।

**– ବିଚିତ୍ରାନନ୍ଦ ସାହୁ**



## କେବଳ ବିଶ୍ୱାସ ପାଇଁ...

କିଛି ଲୋକଙ୍କର ବିଶ୍ୱାସ ଯେ, ଦେହ ଛାଡ଼ିବା ପରେ ବି ଆତ୍ମା ଏ ପୃଥିବୀରେ ଥାଏ। ତାକୁ ସିନା ସମସ୍ତେ ଦେଖିପାରନ୍ତିନି। ମାତ୍ର ଛୋଟ ପିଲାମାନଙ୍କ ଆଖିକୁ ସେମାନେ ଦେଖାଯାଆନ୍ତି। ଏମିତି ଏକ ବିଶ୍ୱାସ ରଖି ଦିନ କାଟନ୍ତି ଭର୍ଜିନିଆର କେୟୋନା ୱାକର। ଏକଦା ତାଙ୍କର ଗୋଟିଏ ସାନ ଭଉଣୀ ଥିଲା। ଏକ ସଡ଼କ ଦୁର୍ଘଟଣାରେ ତା'ର ଅକାଳମୃତ୍ୟୁ ଘଟିଛି। ତେବେ କେୟୋନାଙ୍କର ବିଶ୍ୱାସ ଯେ, ତାଙ୍କ ସାନଭଉଣୀର ଆତ୍ମା ଏ ପୃଥିବୀରେ ରହିଛି। ସେ ପ୍ରତ୍ୟେକ ଜନ୍ମଦିନରେ ତା'ର ସମାଧି ନିକଟକୁ ଆସୁଛି। ଆଉ ତାଙ୍କୁ ଖୋଜୁଛି। ସେଥିଲାଗି ସେ ସାନଭଉଣୀର ପ୍ରତ୍ୟେକ ଜନ୍ମଦିନ ପାଳନ କରନ୍ତି। ଆଉ ଜନ୍ମଦିନରେ ସେ ନିଜର କୁନିଝିଅ ଲେୟୋନାକୁ ନେଇ ତା'ର ସମାଧି ସ୍ଥଳକୁ ଯାଆନ୍ତି। ତାଙ୍କର ବିଶ୍ୱାସ ସେ ସିନା ତାଙ୍କ ସାନଭଉଣୀକୁ ଦେଖିପାରିବେନି କିମ୍ବା ଶୁଭେଚ୍ଛା ଜଣେଇ ପାରିବେନି। ହେଲେ ତାଙ୍କର କୁନିଝିଅ ଲେୟୋନା ତାକୁ ଦେଖିପାରିବ। ସେଇଆ ହୁଏ। ଲେୟୋନା ସମାଧିରେ ଫୁଲତୋଡ଼ା ରଖେ। ଆଉ ଉପରକୁ ଅନେଇ ହାତ ହଲେଇ ଜନ୍ମଦିନର ଶୁଭେଚ୍ଛା ଜଣାଏ। ଆଉ ଗୋଟିଏ ସେ ସେଇ ଦୃଢ଼ ବିଶ୍ୱାସରେ ହିଁ ଦିନ କାଟି ଚାଲିଛନ୍ତି।




## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
**ଫଟୋ ସୌଜନ୍ୟ- କୁମାର ଶରତ (ଧରିତ୍ରୀ)**

# ହାଃ ହାଃ

## ପ୍ରାର୍ଥନା

ମହେଶ ସ୍ତ୍ରୀକୁ-ଜାଣିଛ ସବୁଦିନ ସକାଳେ ଆଖି ଖୋଲୁ ଖୋଲୁ ମୁଁ ଭଗବାନଙ୍କୁ ପ୍ରାର୍ଥନା କରେ, ତମଭଳି ସ୍ତ୍ରୀ ସମସ୍ତଙ୍କୁ ମିଳୁ।
ସ୍ତ୍ରୀ- ସତ!
ମହେଶ- ହଁ। କାହିଁକି ନା ଭାବେ ଦୁନିଆରେ ଏକୁଟିଆ ମୁଁ ହିଁ କାହିଁକି ଦୁଃଖୀ ରହିବି।

## ଭକ୍ତି

ପରୀକ୍ଷାରେ କମ୍ ମାର୍କ ଆସିବାରୁ ମା' ପପୁକୁ- ହଉ ମନ ଦୁଃଖ କରନା। ଏବେ ତୁ ଭଗବାନଙ୍କ ଭକ୍ତି ଉପରେ ଧ୍ୟାନ ଦେ। ଦେଖିବୁ ନିଶ୍ଚୟ ସଫଳ ହେବୁ।
ପପୁ- ମା' ତମକୁ ଆଉ କ'ଣ କହିବି, ପଡ଼ିଶା ଘର ଭଗବାନ ଅଙ୍କଲ୍ଙ୍କ ଝିଅ ଭକ୍ତି ଉପରେ ଧ୍ୟାନ ଦେବାରୁ ହିଁ ତ ମୋର ରେଜଲ୍ଟ ଖରାପ ହେଲା।

## କଲ୍

ଚିଣ୍ଟୁ ମିସ୍‌କୁ- ମିସ୍ କାଲି ଆପଣ ମତେ କଲ୍ କରିଥିଲେ କି?
ମିସ୍- ନା।
ଚିଣ୍ଟୁ-ଆଶ୍ଚର୍ଯ୍ୟର କଥା ଆପଣ କଲ୍ କରି ନ ଥିଲେ, ହେଲେ ସେଥିରେ ଲେଖାଥିଲା- ମିସ୍ କଲ୍।







# ହୋଲି କେଉଁଠି କେମିତି

ରଙ୍ଗର ପର୍ବ ହୋଲି। ଦେଶର ବିଭିନ୍ନ ସ୍ଥାନରେ ଏହି ପବିତ୍ର ଉତ୍ସବକୁ ମହା ଆନନ୍ଦର ସହକାରେ ଲୋକେ ପାଳନ କରିଥାନ୍ତି। କେଉଁଠି ଅବିର ଖେଳି ତ ଆଉ କେଉଁଠି ନାଚଗୀତର ଆସରରେ। ଏପରି କି କିଛି କିଛି ସ୍ଥାନରେ ବେଶ୍ ନିଆରା ଢଙ୍ଗରେ ଏହି ପର୍ବକୁ ପାଳନ କରାଯାଉଥିବା ଦେଖିବାକୁ ମିଳିଥାଏ। ଏଠାରେ ସେମିତି କିଛି ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁଠିକୁ ବୁଲିଗଲେ ହୋଲି ଉତ୍ସବକୁ ବେଶ୍ ଉପଭୋଗ କରିହେବ...

**ମଥୁରା ଓ ବୃନ୍ଦାବନ:** ଏଠାରେ ହୋଲିକୁ ସମ୍ପୂର୍ଣ୍ଣ ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ। ହୋଲି ସମୟରେ ଫଗୁଖେଳ ସାଙ୍ଗକୁ ରାଧାକୃଷ୍ଣଙ୍କ ନାମ ଉଚ୍ଚାରଣ କରି ନଗର ପରିକ୍ରମା କରିବା ହେଉଛି ଏଠାକାର ମୁଖ୍ୟ ଆକର୍ଷଣ। ତା'ସହିତ ସ୍ଥାନୀୟ ପିଲାଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ଶ୍ରୀକୃଷ୍ଣଙ୍କ ଜୀବନୀ ଉପରେ ଆଧାରିତ ନାଟକ ବି ଦର୍ଶକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

**ବରସାନା:** ଉତ୍ତର ପ୍ରଦେଶର ମଥୁରା ଜିଲା ଅନ୍ତର୍ଗତ ବରସାନାରେ ପାଳିତ ହେଉଥିବା ଲଠ୍‌ମାର୍ ହୋଲି ଦେଶ ବିଦେଶରେ ବେଶ୍ ପ୍ରସିଦ୍ଧି ପାଇଛି। କାରଣ ପ୍ରତିବର୍ଷ ହୋଲି ଅବସରରେ ସ୍ଥାନୀୟ ନନ୍ଦଗାଁଓ ରୁ କିଛି ଗୋପ ଯୁବକ ବରସାନା ଗାଁର ଗୋପୀମାନଙ୍କୁ ରଙ୍ଗ ଲଗାଇବା ପାଇଁ ଆସିଥାନ୍ତି। କିନ୍ତୁ ସେଠାରେ ପହଞ୍ଚିଲା ପରେ ଗୋପୀମାନେ ହାତରେ ବାଡ଼ି ଧରି ସେମାନଙ୍କୁ ଘଉଡାଇବାକୁ ଚେଷ୍ଟା କରିଥାନ୍ତି। ହେଲେ ଗୋପ ଯୁବକ ବିଭିନ୍ନ ପ୍ରକାର ଗୀତ ଗାଇ ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥାନ୍ତି। ତଥାପି ବି ଗୋପୀମାନଙ୍କର ରାଗ ଶାନ୍ତ ହୁଏନାହିଁ। ସେମାନେ ସମସ୍ତେ ଏକତ୍ର ହୋଇ ଗୋପ ଯୁବକଙ୍କୁ ପିଟିବା ପାଇଁ ବାଡ଼ିଧରି ମାଡିଆସନ୍ତି ଆଉ ଯୁବକମାନେ ଢାଲ ଧରି ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି, ଯାହା ଦେଖିବାକୁ ଖୁବ୍ କୌତୁକିଆ ଲାଗିଥାଏ। ଏହି ଖେଳରେ ନା ରାଗ ଥାଏ ନା ହିଂସା। ବରଂ ଏହାକୁ ଏକ ପରମ୍ପରା ଭାବେ ପ୍ରତିବର୍ଷ ଏଠାରେ ପାଳନ କରାଯାଇଥାଏ।

**ପୁରୁଲିଆ:** ପଶ୍ଚିମବଙ୍ଗସ୍ଥିତ ପୁରୁଲିଆର ସାଂସ୍କୃତିକ ଐତିହ୍ୟ ଖୁବ୍ ସମୃଦ୍ଧ। ଏଠାରେ ପ୍ରତି ପର୍ବପର୍ବାଣି ସମୟରେ ପାରମ୍ପରିକ ନୃତ୍ୟକଳା ପରିବେଷଣ କରିବାକୁ ଏକ ପ୍ରଥା ବୋଲି ସ୍ଥାନୀୟ ଲୋକେ ମାନିଥାନ୍ତି। ଖାସ୍‌କରି ହୋଲି ସମୟରେ ଏଠାରେ ବସନ୍ତ ଉତ୍ସବ ପାଳିତ ହେଉଥିବାର ସୂଚନା ରହିଛି। ଏହି ଅବସରରେ ସ୍ଥାନୀୟ ବାସିନ୍ଦା ରଙ୍ଗବେରଙ୍ଗର ଅବିର ଖେଳିବା ସହିତ ବିଭିନ୍ନ ପ୍ରକାର ଲୋକକଳା ପରିବେଷଣ କରିବାକୁ ଖୁବ୍ ପସନ୍ଦ କରିଥାନ୍ତି। ଏହି ଲୋକକଳା ଏତେ ଆକର୍ଷଣୀୟ ହୋଇଥାଏ ଯେ, ଯାହାକୁ ଦେଖିବା ପାଇଁ ହୋଲି ଅବସରରେ ଦେଶ ବିଦେଶରୁ ପର୍ଯ୍ୟଟକ ଏଠାକୁ ଧାଇଁଆସିଥା'ନ୍ତି।

**ଶାନ୍ତିନିକେତନ:** ପୁରୁଲିଆ ପରି ପଶ୍ଚିମବଙ୍ଗସ୍ଥିତ ଶାନ୍ତିନିକେତନରେ ବି ହୋଲି ପର୍ବକୁ ବସନ୍ତ ଉତ୍ସବ ଭାବେ ପାଳନ କରାଯାଇଥାଏ। ଖାସ୍‌କରି ହୋଲି ସମୟରେ ଏଠାରେ ହେଉଥିବା ଅବିର ଖେଳ ସାଙ୍ଗକୁ ନାଚଗୀତର ଆସର ଏଠାକାର ପରିବେଶକୁ ବେଶ୍ ରଙ୍ଗିନ କରିଦିଏ।

**ଦିଲ୍ଲୀ:** ଦିଲ୍ଲୀରେ ବି ବେଶ୍ ଆନନ୍ଦ ଉଲ୍ଲାସରେ ହୋଲିପର୍ବକୁ ପାଳନ କରାଯାଇଥାଏ। ଏଠାକାର ଅଧିକାଂଶ ସ୍ଥାନରେ ମ୍ୟୁଜିକାଲ୍ ହୋଲିର ଆୟୋଜନ ହୋଇଥାଏ। ଯେଉଁଠାରେ ହୋଲିଖେଳ ସାଙ୍ଗକୁ ବିଭିନ୍ନ ପ୍ରକାରର ଥଣ୍ଡାପାନୀୟ ପିଇ ମ୍ୟୁଜିକ୍‌ର ତାଳେ ତାଳେ ନାଚ କରିବାକୁ ହୋଇଥାଏ, ଯାହା ଶରୀର ସାଙ୍ଗକୁ ମନକୁ ବି ସୁସ୍ଥ ଆଉ ପ୍ରଫୁଲ୍ଲିତ କରିବାରେ ବେଶ୍ ସହାୟକ ହୋଇଥାଏ।

**ଉଦୟପୁର:** ରାଜସ୍ଥାନର ଉଦୟପୁରରେ ହୋଲି ଉତ୍ସବକୁ ଅନେକେ ରୟାଲ୍ ହୋଲି ବି କହିଥାନ୍ତି। କାରଣ ସ୍ଥାନୀୟ ଅଞ୍ଚଳର ମେୱାର ରାଜ ପରିବାରରେ ବେଶ୍ ଜାକଜମକରେ ଏହି ପର୍ବକୁ ପାଳନ କରାଯାଇଥାଏ। ଏହି ଦିନ ସେମାନେ ପାରମ୍ପରିକ ପୋଷାକ ପିନ୍ଧି ହୋଲି ଉତ୍ସବକୁ ପାଳନ କରିବା ସଙ୍ଗେସଙ୍ଗେ ହୋଲିକା ଦହନର ଆୟୋଜନ କରିଥାନ୍ତି, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ।


















# କାର୍ ଚାଷ

ଗାଁ ହେଉକି ସହର, ଭାରତର ଯେକୌଣସି ସ୍ଥାନକୁ ଗଲେ ସବୁଜ କ୍ଷେତ ଦେଖିବାକୁ ମିଳେ। ପ୍ରତ୍ୟେକ ସ୍ଥାନ ନିଜର କିଛି ଖାସ୍ ଉତ୍ପାଦନ ପାଇଁ ବି ପ୍ରସିଦ୍ଧ ଥାଏ। ଯେମିତିକି ନାଗପୁର କମଳା ପାଇଁ ତ ଉତ୍ତର ପ୍ରଦେଶ ଆମ୍ବଚାଷ ପାଇଁ ପ୍ରସିଦ୍ଧ। ହେଲେ କେବେ ଆପଣ ଏମିତି କ୍ଷେତ ଦେଖିଛନ୍ତି, ଯେଉଁଠି ଖାଇବା ଜିନିଷ ନୁହେଁ ବରଂ କାର୍‌ର ଚାଷ ହେଉଥିବ। ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। କିନ୍ତୁ ଆମେରିକାର ନେଭାଡାରେ ଗୋଲ୍ଡଫିଲ୍ଡ୍ ନାମକ ପାହାଡ଼ ଅଛି, ଯେଉଁଠି ଜଣେ ବ୍ୟକ୍ତି କାର୍ ଚାଷ କରିଛନ୍ତି। ୨୦୧୧ ମସିହାରେ ମାଇକେଲ ମାର୍କ ରିପ୍ପି ନାମକ ଜଣେ ବ୍ୟକ୍ତି ମାଟିରେ କାର୍‌କୁ ଅଧା ପୋତିବା ଆରମ୍ଭ କଲେ। ମାର୍କ କାର୍ ରିସାଇକେଲ କାମ କରନ୍ତି। ମାର୍କଙ୍କର ଏହି କାମରେ କ୍ୟାଡ ସର୍ଗ ବି ସାମିଲ ହେଲେ। ଆଉ ଉକ୍ତ କ୍ଷେତର ନାମ ଦେଲେ 'ଦ ଇଣ୍ଟରନ୍ୟାଶନାଲ କାର୍ ଫରେଷ୍ଟ ଅଫ୍ ଦ ଲାଷ୍ଟ ଚର୍ଚ୍ଚ'। ଏବେ ତାଙ୍କର ଏହି କ୍ଷେତରେ ୪୦ରୁ ଊର୍ଦ୍ଧ୍ୱ ଛୋଟ ବଡ଼ କାର୍ ଓ ଟ୍ରକ୍ ବାଲି ଓ ମାଟିରେ ଅଧା ପୋତିହୋଇ ଥିବାର ଦେଖିବାକୁ ମିଳେ। ଏହାକୁ ଦେଖି ଲାଗେ ସତେ ଯେମିତି କାର୍‌ର ଫସଲ ଲଗାଯାଇଛି। ରଙ୍ଗବେରଙ୍ଗ ଗାଡ଼ି ଓ ସେଥିରେ ଲାଗିଥିବା ସୁନ୍ଦର ଲାଇଟ୍ ପାଇଁ ଏହି ସ୍ଥାନ ବହୁତ ସୁନ୍ଦର ଦେଖାଯାଏ।

## କାର୍ଟୁନ କର୍ନର



# ବହୁମୁଖୀ ହାସ୍ୟାଭିନେତା

ପ୍ରଭାକର ସାହୁ। ଡାକନାମ ଚଗନ। ସେ ଯାତ୍ରା ଜଗତରେ ଏହି ନାମରେ ହିଁ ପରିଚିତ। ଚଗନ ଜଣେ ନିଆରା ମଣିଷ। ସମସ୍ତେ ତାଙ୍କୁ ମଞ୍ଚରେ ଦେଖନ୍ତି ଜଣେ ହାସ୍ୟ କଳାକାର ଭାବେ। ତେବେ କେବଳ ଜଣେ କଳାକାର ଭାବେ ତାଙ୍କ ପରିଚୟ ସୀମିତ ନୁହେଁ, ସ୍ୱଭାବତଃ ସେ ଜଣେ କବି। ପୁଣି ଏକସଙ୍ଗରେ ଜଣେ ଭାଓଲିନ୍ (ବେହେଲା) ଏବଂ ଅର୍ଗାନ୍ ବାଦକ। ଓଡ଼ିଶା ଅପେରା, ଗୌରୀ ଏବଂ ଧରିତ୍ରୀ ଅପେରାରେ ସେ ଦୀର୍ଘବର୍ଷ ଧରି ବେହେଲା ଏବଂ ଅର୍ଗାନ୍ ବଜେଇଛନ୍ତି। ଖାଲି ସେତିକି ନୁହେଁ, ସେ ଜଣେ ମ୍ୟାଜିସିଆନ୍ ମଧ୍ୟ। ମଞ୍ଚରେ ମ୍ୟାଜିକ୍ ଦେଖାଇ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦିଅନ୍ତି। ପ୍ରଭାକରଙ୍କ ଘର ଭଦ୍ରକ ଜିଲା ଭଣ୍ଡାରିପୋଖରୀ। ୧୯୭୫ ମସିହାରେ ସେ ଆସିଲେ ଯାତ୍ରାକୁ। ଘଟଣାଟି ଥିଲା ଏମିତି। ତାଙ୍କ ବାପା ଦାଶରଥି ସାହୁ ଥିଲେ ଜ୍ୟୋତିଷ। ସେହି ଭଣ୍ଡାରିପୋଖରୀରେ 'ଜନନୀ ଗଣନାଟ୍ୟ' ନାମରେ ଗୋଟିଏ ନୂଆ ପାର୍ଟି ଆରମ୍ଭ କରୁଥାନ୍ତି ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ପଟ୍ଟଶିଷ୍ୟ ଶ୍ୟାମସୁନ୍ଦର ମହାପାତ୍ର। ସେ ଚଗନଙ୍କ ବାପାଙ୍କ ପାଖକୁ ଯାଇ ପାର୍ଟିର ଭଲମନ୍ଦ ଏବଂ ତାଙ୍କ ରାଶି ନକ୍ଷତ୍ରକଥା ବୁଝାଶୁଝା କରିଥାନ୍ତି। ଦାଶରଥି ବାବୁ ଶ୍ୟାମସୁନ୍ଦର ମହାପାତ୍ରଙ୍କୁ କହିଲେ: ମୋ ପୁଅ ଦୁହେଁ କଳାକାର ହେବେ ବୋଲି ସେମାନଙ୍କ କପାଳ କହୁଛି। ସେମାନଙ୍କୁ ନେଇଯାଆନ୍ତୁ। ସେଇଠୁ ଯାତ୍ରାକୁ ଆସିଲେ ପ୍ରଭାକର (ଚଗନ) ଏବଂ ସୁଧାକର (ହଗନ)। ଅବଶ୍ୟ ସୁଧାକର ସାହୁ ଆଉ ନାହାନ୍ତି। ସେ ପରଲୋକ ବାହୁଡ଼ିଗଲେଣି। ମାତ୍ର ଚଗନଙ୍କ ଯାତ୍ରା ଚାଲିଛି। ଯାତ୍ରାକୁ ଆସିବା ବେଳକୁ ତାଙ୍କୁ ହୋଇଥିଲା ମାତ୍ର ୧୩ ବର୍ଷ। ସେ ପ୍ରଥମେ ଖଣ୍ଡା ଗୋଟେଇ ତାଙ୍କ ଅଭିନୟ ଜୀବନ ଆରମ୍ଭ କରିଛନ୍ତି। ଡୁଏଟ୍ ବି କରିଛନ୍ତି। ସେହି ପାର୍ଟିରେ ଥିବା ବେଳେ ଗୁରୁ ମକରଧ୍ୱଜ ଜେନାଙ୍କ ପରାମର୍ଶରେ ସେ ଭାଓଲିନ୍ ଓ ଅର୍ଗାନ୍ ବଜେଇବା ଶିଖିଲେ। 'ଜନନୀ ଗଣନାଟ୍ୟ'ରୁ ଆରମ୍ଭ ହୋଇଥିବା ଚଗନଙ୍କ ଯାତ୍ରା ଇତିମଧ୍ୟରେ ଆସି ପହଞ୍ଚିଛି 'ସ୍ୱପ୍ନମହଲ'ରେ। ଏହାବ୍ୟତୀତ ସେ ଉତ୍କଳିକା, ମଞ୍ଚ ପୁଷ୍ପା, ଓଡ଼ିଶା ଅପେରା, ଗୌରୀ ଗଣନାଟ୍ୟ, ଧରିତ୍ରୀ ଅପେରା, ତ୍ରିନାଥ ଗଣନାଟ୍ୟ, ନୀଳଚକ୍ର, କଳିଙ୍ଗ, ରଙ୍ଗମହଲ, ଇନ୍ଦ୍ରମହଲ ଆଦି ଯାତ୍ରାନୁଷ୍ଠାନରେ କାମ କରିସାରିଛନ୍ତି। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ବରଷା ରାଣୀର ଭିଜା ଓଢ଼ଣି, ଶ୍ୱଶୁର ଘରକୁ ଶହେ ସଲାମ୍, ସ୍ୱାମୀମାନେ ସାବଧାନ, ସ୍ତ୍ରୀମାନେ ସାବଧାନ, ତୋ ଚାରିଖୁରାକୁ ଜୁହାର, ଉର୍ବଶୀ ଆସୁଛି ଇନ୍ଦ୍ରମହଲ, ଖରାପ ଝିଅର ଗପ, ଗଙ୍ଗା ପାପ କଲେ ଧୋଇବ କିଏ, ଶ୍ରୀକୃଷ୍ଣ ମୋର ଶେଷସାକ୍ଷୀ ଏବଂ ଆହୁରି ଅନେକ। ସମ୍ପ୍ରତି ସ୍ୱପ୍ନମହଲରେ ତାଙ୍କ ଅଭିନୀତ ନାଟକ ମଧ୍ୟରେ ରହିଛି ସିଆଁଇଡି ଦୟା, ଆପଣମାନେ ଖୁସି ତ, ବାପାବୋଉ ତମେ ଭୁଲ୍ କଲ, ବାଦ୍‌ସାହା, ସ୍ୱପ୍ନମହଲର ସ୍ୱପ୍ନା।


ଚଗନ

# ପୈଁକାଳିର ଜେଜେ

ଓଡ଼ିଆ ଯାତ୍ରା ଜଗତର ଏହା ହେଉଛି ଏକ ପ୍ରସିଦ୍ଧ ତଥା ଅତି ଲୋକପ୍ରିୟ ସଂଳାପ। ଏହା ହେଉଛି ଦିବଂଗତ ନାଟ୍ୟକାର ଅନନ୍ତ ଓଝାଙ୍କ ରଚିତ 'ମୋ ପୈଁକାଳି ବଜେଇଦେ' ନାଟକର ସଂଳାପ। ନାତୁଣୀ ମିତାକୁ ନେଇ ତା' ସ୍ୱାମୀ ଶେଖର ଘର ଛାଡ଼ି ଚାଲିଯିବାକୁ ବସିଛି। ମିତାକୁ ଛାଡ଼ି ନାତି ଚିନ୍ମୟ ରହିପାରିବନି। ରାଜା ସାହେବ ବିକ୍ରମ କେଶରୀ ଜଗଦେବ, ଯାହାଙ୍କର ମଥା କେବେ ନତ ହୁଏନା। ସେ ନାତିର ସୁଖ ପାଇଁ ନିଜ ମୁଣ୍ଡକୁ ତଳକୁ ନୁଆଁଇ ଦେଇ ନାତୁଣୀଜ୍ୱାଇଁ ଶେଖର ନିକଟରେ ଭୁଲ୍ ମାଗୁଛନ୍ତି ଆଉ କହୁଛନ୍ତି : "ଶେଖର! ମୁଁ ରାଜା ବିକ୍ରମ କେଶରୀ ଜଗଦେବ। ଏ ବଂଶର କେହି କେବେ କାହା ପାଖରେ ମୁଣ୍ଡ ନୁଆଁଇ କଥା କୁହେନା। କାହିଁକିନା ଏ ମୁଣ୍ଡ ହେଉଛି ଏକ ରାଜାର ମୁଣ୍ଡ। କିନ୍ତୁ ଆଜି ଏ ରାଜାର ମୁଣ୍ଡଟାକୁ ନୁଆଁଇ ଦେଇ ମୁଁ ତମକୁ ଭୁଲ୍ ମାଗୁଛି ଶେଖର। ମୋ ନାତୁଣୀକୁ ନେଇ ତମେ ଚାଲିଯାଅନା।" ରାଜା ବିକ୍ରମ କେଶରୀଙ୍କ ଏହି ସଂଳାପ ସମସ୍ତଙ୍କୁ କିଛି ସମୟ ପାଇଁ ବିବାକ୍ ବିସ୍ମୟ କରିଦଉଛି। ଅନନ୍ତ ଓଝାଙ୍କ ପୈଁକାଳି ନାଟକରେ ଜେଜେ ଭୂମିକାରେ ଅଭିନୟ କରିଥିବା କଳାକାର ଜଣକ ହେଉଛନ୍ତି ଓଡ଼ିଆ ଯାତ୍ରା ଜଗତର ଜଣେ ପ୍ରସିଦ୍ଧ ଅଭିନେତା ବୈକୁଣ୍ଠ ବାରେକ୍। ତାଙ୍କ ଗମ୍ଭୀର ଗଳାର ସଂଳାପ ମଧ୍ୟ 'ମୋ ପୈଁକାଳି ବଜେଇଦେ' ନାଟକର ସଫଳତା ପାଇଁ ବହୁଳାଂଶରେ ଦାବିଦାର ଥିଲା। ବୈକୁଣ୍ଠଙ୍କ ଘର କଟକ ଜିଲାର ଦାମୋଦରପୁର। ୧୯୭୭ ମସିହାରେ ସେ ଯାତ୍ରାକୁ ଆସିଲେ। ବାସ୍ତବରେ ତାଙ୍କର ଯାତ୍ରାକୁ ଆସିବାର କାହାଣୀଟି ବେଶ୍ ମଜାଦାର। ନା ସେ ଆଗରୁ ଅଭିନୟ କରିଥିଲେ ନା ତାଙ୍କର ଯାତ୍ରାକୁ ଆସିବାର ନିଶା ଥିଲା। ତାଙ୍କ ଗାଁରେ ହରପାର୍ବତୀ ଗଣନାଟ୍ୟ ଯାତ୍ରା କରୁଥାଏ। ପାର୍ଟିର ଆର୍ଥିକ ଅବସ୍ଥା ଏତେ ଖରାପ ହୋଇଗଲା ଯେ, ପାର୍ଟି ଭାଙ୍ଗିପଡ଼ିବା ସ୍ତରକୁ ଚାଲିଆସିଲା। ମାତ୍ର ବୈକୁଣ୍ଠବାବୁ ନିଜେ ଅର୍ଥ ନିବେଶ କରି ସେହି ପାର୍ଟିକୁ ବଞ୍ଚାଇଲେ ଆଉ ସେହି ପାର୍ଟିର ମାଲିକ ହୋଇଗଲେ। ସେଇଠି ମଧ୍ୟ ସେ ଅଭିନୟ କଲେ। ସେବେଠାରୁ ସେ ଆଉ ପଛକୁ ଫେରିନାହାନ୍ତି। ଇତିମଧ୍ୟରେ ନାଟ୍ୟରୂପା, ପଲ୍ଲିଶ୍ରୀ କଳାନିକେତନ, ଶିବାନୀ, ତୁଳସୀ, ତ୍ରିରଙ୍ଗା, କଳିଙ୍ଗ, ତାରିଣୀ, ପାର୍ବତୀ, ଧଉଳି ଆଦିରେ ଅଭିନୟ କରି ସମ୍ପ୍ରତି ଆସି ପହଞ୍ଚିଛନ୍ତି ଯାତ୍ରା ମାୟା ନଗରୀରେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି ଦିନ ଯାଏ ଚିହ୍ନ ରହେ, ମଇଳା କାଗଜ, ନାମ ଭୂମିକାରେ, ମୋ ପୈଁକାଳି ବଜେଇଦେ, ବଉଳଲୋ ମୋର ବର ଆସୁଛି, ବାଜେ ଝିଅକୁ ବାହାହେବି, କାନିରେ ପଡ଼ିଲା ଗଣ୍ଠି, ବାଃ ବାଃରେ ଆମେରିକା, ନିଜେ ପୋଛିଦେଲି ନିଜ ସିନ୍ଦୂର, କନିଆ ଯାଉଛି କାଞ୍ଚନପୁର, ଓଢ଼ଣି ଖୋଲିବୁ ଧୀରେ ଧୀରେ, ରାତିର ରାଣୀ, ତ୍ରାହି ଲକ୍ଷ୍ମଣ, ବାଇଜୀ କୋଠି, କଳିଯୁଗର ରାମାୟଣ, କାହାରିକୁ ଆମେ ଡରିବୁ ନାହିଁ ଏବଂ ଆହୁରି ଅନେକ। ଯାତ୍ରା ମାୟାନଗରୀରେ ତାଙ୍କ ଅଭିନୀତ ନାଟକ ମଧ୍ୟରେ ରହିଛି 'କଥାଦିଅ ମତେ କରିବନି ପର, ନିଜ ନିଜର ରାମାୟଣ ଏବଂ ଦେଲେ ଧରା କଥା ସରେ।'


ବୈକୁଣ୍ଠ ବାରେକ୍

# ଜଳଚର 'ସ୍ପିନୋସର'

ଡାଇନୋସରକୁ ନେଇ ଏକ ନୂଆ ତଥ୍ୟ ପ୍ରକାଶ କରିଛନ୍ତି ବ୍ରାଜିଲ୍‌ର ଗବେଷକମାନେ। ସେମାନେ କହିଛନ୍ତି ଯେ, ଡାଇନୋସର କେବଳ ଏକ ସ୍ଥଳଚର ପ୍ରାଣୀ ନ ଥିଲା। ସେଗୁଡ଼ିକ ଭିତରୁ ଏମିତି କିଛି ପ୍ରଜାତି ଥିଲେ, ଯେଉଁଗୁଡ଼ିକ ଉଭୟ ସ୍ଥଳଚର ଓ ଜଳଚର ପ୍ରାଣୀ ଥିଲେ। ଏହି ଉଭୟଚର ଡାଇନୋସରକୁ ସେମାନେ 'ସ୍ପିନୋସର' ବୋଲି ନାମକରଣ କରିଛନ୍ତି। ଏହି ସ୍ପିନୋସର ପ୍ରଜାତିର ଡାଇନୋସରର ଶରୀର ଗଠନ ସମ୍ପୂର୍ଣ୍ଣ ଭିନ୍ନ ଧରଣର ଥିଲା। ଏମାନଙ୍କ ଶରୀରରେ ଲୋମ ପରିବର୍ତ୍ତେ ଅତି ଛୋଟଛୋଟ କାତି ରହିଥିଲା। ଫଳରେ ସେଗୁଡ଼ିକ ଖୁବ୍ ଭଲଭାବେ ଜଳ ଭିତରେ ଗତି କରିପାରୁଥିଲେ। ପୁଣି ମାଛ ବା ଅନ୍ୟ ଜଳଚର ପ୍ରାଣୀଙ୍କ ଭଳି ଏମାନେ ପାଣିରୁ ନିଜ ପାଇଁ ଆବଶ୍ୟକ ଅମ୍ଳଜାନ ସଂଗ୍ରହ କରି ପାରୁଥିଲେ। ବିଶେଷକରି ଆଫ୍ରିକା ଅଞ୍ଚଳରେ ଏ ଧରଣର



ଡାଇନୋସର ବହୁଳ ଭାବରେ ଦେଖିବାକୁ ମିଳୁଥିବା ଗବେଷକ ଦଳର ମୁଖ୍ୟ ଫ୍ରାନ୍ଜ ଆଣ୍ଟୋନି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏଗୁଡ଼ିକ ସମୁଦ୍ର ଶେଷସ୍ତର ପର୍ଯ୍ୟନ୍ତ ଯାଇ ଖାଦ୍ୟ ଶିକାର କରିପାରୁଥିଲେ।

ବ୍ୟାକ୍ ପେଜ୍







# ଭାଙ୍ଗିଗଲା ପରି ଲାଗେ ଏହି ଆସବାବପତ୍ର

କେଉଁ ଆଲମାରୀ ଫାଟିଯାଇଛି ତ କେଉଁଟି ମଝିରୁ ଦୁଇଫାଳ ହେଇଛି। ଆଉ କାହାର ମଝିରେ କିଛି ବାଜି କଣା ହୋଇଯାଇଛି। ଏହିସବୁ ଆଲମାରୀ ଦେଖିବାକୁ ଏହିଭଳି ଭଙ୍ଗା ଫଟା। କିନ୍ତୁ ବାସ୍ତବରେ ସେଇୟା ନୁହେଁ। ଭଙ୍ଗା ଦେଖାଯାଉଥିଲେ ହେଁ ଏସବୁ କାର୍ଯ୍ୟକ୍ଷମ। ଏହାର ଡ୍ର' ଗୁଡ଼ିକ ଠିକ୍ ଥାଏ। ନ୍ୟୁଜିଲାଣ୍ଡ, ଅକ୍‌ଲାଣ୍ଡର ଅବସରପ୍ରାପ୍ତ କାର୍ପେଣ୍ଟର ହେକ୍ ଭେରୋହେଫ ଏହି ଆସବାବପତ୍ର ତିଆରି କରିଛନ୍ତି। ସେ କହନ୍ତି, ''କାଠର ଆସବାବକୁ ଏଭଳି ଲୁକ୍ ଦେବା ବହୁ କଷ୍ଟକର। ତେଣୁ ଗୋଟିଏ ଆସବାବ ତିଆରି ପାଇଁ ମତେ ଅନେକ ସମୟ ଲାଗେ। ତଥାପି ମତେ ଏଭଳି ଅଜବ ଆସବାବ ତିଆରି କରିବାକୁ ବହୁତ ଭଲ ଲାଗେ।'' ହେକ୍‌ଙ୍କ ଝିଅ ବାପା ତିଆରି କରିଥିବା ଆସବାବପତ୍ରର ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଆଉ ତାହା ଭାଇରାଲ ହୋଇଗଲା। ଏବେ ତାଙ୍କ ତିଆରି ଆସବାବପତ୍ର ଲୋକେ କିଣିବାକୁ ଚାହୁଁଥିଲେ ହେଁ ସେ ଏସବୁ ବିକ୍ରି କରିବାକୁ ଚାହାନ୍ତି ନାହିଁ।

# ସବୁଠୁ ଛୋଟ ମୋଟର ବାଇକ




ଆଜିକାଲି ଘରେ ଘରେ ବାଇକ ଅଛି। ହେଲେ ଆମେ ଏଠି ଯେଉଁ ବାଇକ କଥା କହୁଛୁ ତାକୁ କେହି କେବେ ଦେଖି ନ ଥିବେ। ଆଉ ଦେଖିଲେ ଆଶ୍ଚର୍ଯ୍ୟ ନିହାତି ହୋଇଯିବେ। କାରଣ ଏହା ହାତପାପୁଲିରେ ରହିଯାଏ। ହେଲେ ଏହା କାର୍ଯ୍ୟକ୍ଷମ। 'ସ୍ମଲ ଟୋ' ନାମକ ଏହି ବାଇକ୍‌ର ଓଜନ ମାତ୍ର ୧.୦୮ କି.ଗ୍ରା.। ଉଚ୍ଚତା ୨.୫ ଇଞ୍ଚ ଓ ଲମ୍ବ ୪.୫ ଇଞ୍ଚ। ଏହା ଘଣ୍ଟା ପ୍ରତି ୨ କି.ମି. ବେଗରେ ଗତିକରିପାରେ। ଟମ୍ ୱିମ୍‌ବର୍ଗ ଏହାକୁ ତିଆରି କରିଛନ୍ତି। ତେବେ ଏଥିରେ ଲାଇଟ୍ ନାହିଁ, ଗିୟର୍ ନାହିଁ, ବ୍ରେକ୍ ୟୁନିଟ୍ ବି ନାହିଁ। ଏହା ଏକ ସିଙ୍ଗଲ ଗିୟର୍ଡ ମୋଟର, ଯାହାର କେବଳ ଫରୱାଡ୍ ଟ୍ରାନ୍ସମିସନ ଅଛି। ଏଥିରେ ଷ୍ଟାର୍ଟିଂ ୟୁନିଟ୍ ବି ନାହିଁ। ଏହା ବାହ୍ୟ ମୋଟର ଦ୍ୱାରା ଷ୍ଟାର୍ଟ ହୁଏ। ଛୋଟ ଆକାର ଲାଗି ଏଥିରେ ସାଧାରଣ ଭାବେ ବସି ହୁଏନା। ତଥାପି ଟମ୍ ବାଇକ୍‌ର ଦୁଇ ପାର୍ଶ୍ୱରେ ଥିବା ରଡ୍ ଉପରେ ସ୍ୱତନ୍ତ୍ର ଜୋତା ପିନ୍ଧି ବସି ଏହାକୁ ଚଳାଇବାରେ ସକ୍ଷମ ହୋଇଥିଲେ। ଆଉ ୩୨.୮ ଫୁଟ୍ ପର୍ଯ୍ୟନ୍ତ ଏହି ବାଇକ୍‌କୁ ଚଳାଇଥିଲେ।

# ସମୁଦ୍ର ସଫେଇ ଅଭିଯାନରେ ଯୁବକ







ସମୁଦ୍ର ପ୍ରଦୂଷଣରେ ଏବେ ଯାଉଛି ଅନେକ ଜଳଚର ପ୍ରାଣୀଙ୍କ ଜୀବନ। ତେଣୁ ଏହି ପ୍ରଦୂଷଣକୁ କମାଇବା ଲାଗି ସାରା ପୃଥିବୀରେ ଚାଲିଛି ଅନେକ ଗବେଷଣା। ତେବେ ଡଚ୍ ବୈଜ୍ଞାନିକ ବୋୟାନ୍ ସ୍ଲଟ୍ ଏକ ଅଭିଯାନ ଆରମ୍ଭ କରିଛନ୍ତି, ଯାହାର ନାଁ ଓସନ୍ କ୍ଲିନ୍‌ଅପ୍। ବୋୟାନ କହନ୍ତି, ୮ ବର୍ଷ ପୂର୍ବେ ସମୁଦ୍ର ମାର୍ଗରେ ଗ୍ରୀସ୍ ଯାତ୍ରା କରିଥିଲି। ଗଲାବେଳେ ପାଣିରେ ମାଛଙ୍କ ଅପେକ୍ଷା ପ୍ଲାଷ୍ଟିକ୍ ଆବର୍ଜନା ଅଧିକ ଦେଖାଯାଉଥିଲା। ତେଣୁ ଏହାକୁ କମାଇବା ପାଇଁ ନିଷ୍ପତ୍ତି ନେଲି। ଆଉ ତିଆରି କଲି ଓସନ୍ କ୍ଲିନ୍‌ଅପ୍ ନାମକ ଏକ ଭାସମାନ ଯନ୍ତ୍ର। ୨୦୦୦ ଫୁଟ୍ ୟୁ ଆକାରର ଏହି ଯନ୍ତ୍ର ସାହାଯ୍ୟରେ ସମୁଦ୍ରରୁ ଆବର୍ଜନା ସଫା କରାଯାଇ ପାରିବ।' ବୋୟାନଙ୍କ ଲକ୍ଷ୍ୟ ରହିଛି ପ୍ରତିବର୍ଷ ସେ ସମୁଦ୍ରରୁ ପ୍ରାୟ ୫୦ଟନ୍ ଆବର୍ଜନା ସଫା କରାଯିବ। ଆଉ ସେଥିରୁ ମିଳୁଥିବା ପ୍ଲାଷ୍ଟିକ ଓ ଅନ୍ୟ ଆବର୍ଜନାକୁ ରିସାଇକେଲ କରିବା ଯୋଜନା ବି କରା ଯାଇଛି। ଏବେ ତାଙ୍କର ଏହି କାମରେ ୮୦ ଜଣେ ସ୍ୱଇଚ୍ଛାରେ କାମ କରୁଛନ୍ତି।